بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ:

କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ
ବଦର୍
Weekly
BADAR
କାଦିଆନ
Qadian
Odia

ସଂଖ୍ୟା: 31

ବାର୍ଷିକ ଦେୟ : 600/-

05 ସଫର୍ 1447 ହି.କ, 31 ୱଫା 1404 ହି.ଶ, 31 July 2025 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

ثُمَّ اَفِیۡضُوۡا مِنۡ حَیۡثُ
اَفَاضَ النَّاسُ وَاسۡتَغۡفِرُوا اللّٰہَ ؕ اِنَّ
اللّٰہَ غَفُوۡرٌ رَّحِیۡمٌ ○

**(ସୁରାଃ ଅଲ୍ ବକ୍ରାହ୍: 200)**

ଏବଂ ଯେଉଁ ସ୍ଥାନରୁ ଲୋକମାନେ ଫେରି ଆସୁଛନ୍ତି ତୁମେମାନେ ମଧ୍ୟ ସେହିଠାରୁ ଫେରିଆସ ଏବଂ ଅଲ୍ଲାଃତାଲାଙ୍କ ଠାରୁ କ୍ଷମାଭିକ୍ଷା କର । ବାସ୍ତବରେ ଅଲ୍ଲାଃ ହିଁ ଅତ୍ୟନ୍ତ କ୍ଷମାଶୀଳ ଓ ସଦା କରୁଣାମୟ ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

☆ ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଦିନେ ଏକ ମସ୍‌ଜିଦରେ ପବିତ୍ର କୁରଆନ୍ କରୀମ୍ ପାଠ କରୁଥିବା ଯେତେବେଳେ ଶୁଣିଲେ, ସେତେବେଳେ ଆପଣ ସ.ଅ କହିଲେ: "ଅଲ୍ଲାଃତାଲା ସେହି ବ୍ୟକ୍ତି ଉପରେ ଦୟାବତୀର୍ଣ୍ଣ କରନ୍ତୁ । କାରଣ ସେହି ବ୍ୟକ୍ତି ତ' ମୋତେ ଅମକ ଆୟତ୍ ସ୍ମରଣ କରାଇ ଦେଇଛି । ସେହି ଆୟତଗୁଡ଼ିକୁ ମୁଁ ଅମକ ସୁରାଃରେ ଭୁଲି ଯାଇଥିଲି । ଅବ୍‌ବାଦ୍ ବିନ୍ ଅବ୍‌ଦୁଲ୍ଲାଃ ହ. ଆଏଶା ର.ଅଙ୍କ ଠାରୁ ବର୍ଣ୍ଣନା କରି ଉକ୍ତ କଥାକୁ ଏତେ ଲମ୍ବେଇଲେ ଯେ, ନବୀ କରୀମ୍ ସ.ଅ ମୋ ଘରେ ନମାଜ ତହଜୁଦ୍ ପାଠ କରୁଥିଲେ, ଠିକ୍ ସେତିକି ବେଳେ ଆପଣ ସ.ଅ ଅବ୍‌ବାଦ୍ ବିନ୍ ବିଶର୍ ର.ଅଙ୍କ ସ୍ୱର ଶୁଣିଲେ । ହ. ଅବ୍‌ବାଦ୍ ବିନ୍ ବିଶର୍ ର.ଅ ମସ୍‌ଜିଦରେ ନମାଜ ପାଠ କରୁଥିଲେ, ତେବେ ଆପଣ ସ.ଅ ପଚାରିଲେ ହେ ଆଏଶା ! ଏଇଟା କ'ଣ ଅବ୍‌ବାଦଙ୍କ ସ୍ୱର କି ? ହ. ଆଏଶା ର.ଅ କହିଲେ, ହାଁ ଆପଣ ସ.ଅ କହିଲେ, ହେ ଅଲ୍ଲାଃ ! ତୁମ୍ଭେ ଅବ୍‌ବାଦ୍‌ଙ୍କ ଉପରେ ଦୟାବତୀର୍ଣ୍ଣ କର ।"

☆ ହ. ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ, ଦେଖ ! ବିଲାଲ୍ ର.ଅ ରାତିରେ ଅଜାନ୍ ଦିଅନ୍ତି, ତୁମେମାନେ ସେତେବେଳେ ଖାଉଥା ଓ ଜଳପାନ କରୁଥାଅ, କିନ୍ତୁ ଯେତେବେଳେ ଇବ୍‌ନେ ଉମ୍ମେ ମକ୍‌ତୁମ୍ ଅଜାନ ଦିଅନ୍ତି ଅବା ଆପଣ ସ.ଅ କହିଲେ, ଏପର୍ଯ୍ୟନ୍ତକି ତୁମେମାନେ ଇବ୍‌ନେ ଉମ୍ମେ ମକ୍‌ତୁମ୍‌ଙ୍କ ଅଜାନ୍ ଶୁଣ ସେତେବେଳେ ଖିଆପିଆ ବନ୍ଦ କରିଦିଅ । ହ. ଇବ୍‌ନେ ଉମ୍ମେ ମକ୍‌ତୁମ୍ ର.ଅ ଜଣେ ଅନ୍ଧ ବ୍ୟକ୍ତି ଥିଲେ। ଯେତେବେଳ ପର୍ଯ୍ୟନ୍ତ ଲୋକମାନେ ତାଙ୍କୁ ସକାଳ ହୋଇଗଲା ବୋଲି କହିଦେଉ ନଥିଲେ ସେତେବେଳ ପର୍ଯ୍ୟନ୍ତ ସେ ଅଜାନ୍ ଦେଉ ନଥିଲେ ।☆☆☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ମନୁଷ୍ୟ ଯେଭଳି ଈଶ୍ୱରଙ୍କ ସାନ୍ନିଧ ଏବା ତାହାଙ୍କ ସାମୀପ୍ୟତା ପ୍ରାପ୍ତ କରିବ ସେଭଳି ଦୁଆ ସ୍ୱୀକୃତ ହେବାର ସୁଫଳରୁ ସେ କୃତାର୍ଥ ବା ଉପକୃତ ହେବ ଏବଂ ତହିଁରୁ ସେ ଏକ ଅଂଶ ପ୍ରାପ୍ତ କରିବ ।**

**ମନୁଷ୍ୟ ଯେଭଳି ଈଶ୍ୱରଙ୍କ ଠାରୁ ଦୂରେଇ ଯାଇଥାଏ ଠିକ୍ ସେହିଭଳି ପରଦା ଏବଂ ତା'ର ଦୁଆ ସ୍ୱୀକୃତ ହେବରେ ବ୍ୟବଧାନ ଏବଂ ପରଦା ସୃଷ୍ଟି ହୋଇଯାଇଥାଏ ।**

**ଦୁଆ ସ୍ୱୀକୃତ ହେବା ନିମନ୍ତେ ସର୍ତ୍ତାବଳୀ :**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମନୁଷ୍ୟର ଦୁଆ ସେତେବେଳେ ସ୍ୱୀକୃତ ହୋଇଥାଏ ଯେତେବେଳେ ମନୁଷ୍ୟ ଅଲ୍ଲାଃତାଲାଙ୍କ ସକାଶେ ଅବଚେତନ, ପାପ ଓ ଅପରାଧକୁ ସଂପୂର୍ଣ୍ଣ ରୂପେ ପରିତ୍ୟାଗ କରିଦେବ । ମନୁଷ୍ୟ ଯେଭଳି ଈଶ୍ୱରଙ୍କ ସାନ୍ନିଧ ଏବା ତାହାଙ୍କ ସାମୀପ୍ୟତା ପ୍ରାପ୍ତ କରିବ ସେହିଭଳି ଦୁଆ ସ୍ୱୀକୃତ ହେବାର ସୁଫଳରୁ ସେ ଉପକୃତ ହେବ ଏବଂ ତହିଁରୁ ସେ ଏକ ଅଂଶ ମଧ୍ୟ ପ୍ରାପ୍ତ କରିବ । ଅତଏବ୍ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କହିଛନ୍ତି ଯେ, وَاِذَا سَاَلَکَ عِبَادِیۡ عَنِّیۡ فَاِنِّیۡ قَرِیۡبٌ ؕ اُجِیۡبُ دَعۡوَۃَ الدَّاعِ اِذَا دَعَانِ ۙ فَلۡیَسۡتَجِیۡبُوۡا لِیۡ وَلۡیُؤۡمِنُوۡا بِیۡ لَعَلَّہُمۡ یَرۡشُدُوۡنَ **(ଅଲ ବକ୍ରାହ୍: 187)** ଏବଂ ହେ ରସୁଲ ! ଯେବେ ଆମ୍ଭ ଭକ୍ତମାନେ ତୁମ୍ଭଙ୍କୁ ଆମ୍ଭ ସଂକ୍ରାନ୍ତରେ ପ୍ରଶ୍ନ କରିବେ ତେବେ କୁହ କି ଆମ୍ଭେ ସେମାନଙ୍କ ନିକଟରେ ଅଛୁ । ପ୍ରାର୍ଥନାକାରୀ ଯେବେ ବି ଆମ୍ଭଙ୍କୁ ପ୍ରାର୍ଥନା କରେ ତେବେ ଆମ୍ଭେ ତାହାର ପ୍ରାର୍ଥନାକୁ ସ୍ୱୀକାର କରିଥାଉ । ସୁତରାଂ ଆମ୍ଭର ଆଦେଶ ଗ୍ରହଣ କରିବା ଓ ଆମ୍ଭ ଉପରେ ବିଶ୍ୱାସ ସ୍ଥାପନ କରିବା ସେମାନଙ୍କ ପକ୍ଷେ ବିଧେୟ । ଫଳରେ ସେମାନେ ସତ୍‌ପଥଗାମୀ ହେବେ ।"

ସେହିପରି ଅଲ୍ଲାଃତାଲା ଅନ୍ୟ ଏକ ସ୍ଥାନରେ କୁହନ୍ତି وَاَنّٰی لَہُمُ التَّنَاوُشُ مِنۡ مَّکَانٍۭ بَعِیۡدٍ **(ସବା:53)** ଏବଂ ସେମାନେ ଏତେ ଦୂରକୁ ଚାଲିଯିବା ପରେ କିପରି ଏହାକୁ ଅର୍ଥାତ୍ ବିଶ୍ୱାସକୁ ଲାଭ କରିବା ସମ୍ଭବପର ହୋଇ ପାରିବ ? ଅର୍ଥାତ୍ ଯେଉଁ ବ୍ୟକ୍ତି ମୋ (ଅଲ୍ଲାଃତାଲାଙ୍କ) ଠାରୁ ଦୂରରେ ଥାଏ, ମୁଁ ତା'ର ଦୁଆକୁ କିପରି ସ୍ୱୀକାର କରିବି ? ସେ ତ' ହୃଦୟରର ଅତଳ ଗହ୍ୱରରେ ଥିବା ଲୁକ୍କାୟିତ ଉଦ୍ଦେଶ୍ୟ ଏବଂ ସେହି ଉଦ୍ଦେଶ୍ୟ ସହିତ ମଧ୍ୟ ଅବଗତ ଅଟନ୍ତି ଯାହା ଏଯାବତ୍ ସୃଷ୍ଟି ହୋଇ ନାହିଁ।

କିନ୍ତୁ ଏଠାରେ ମନୁଷ୍ୟର ଐଶୀ ସାମୀପ୍ୟତା ଆଡ଼କୁ ଧ୍ୟାନ ଆକର୍ଷଣ କରାଯାଇଛି । ଅର୍ଥାତ୍ ଯେପରି ଦୂରର ଶବ୍ଦ ଶୁଭି ନଥାଏ ଠିକ୍ ସେହିପରି ଯେଉଁ ବ୍ୟକ୍ତି ଅବଚେତନ, ପାପ ଏବଂ ଅପରାଧରେ ପଡ଼ି (ପାପଗ୍ରସ୍ତ ବା ଲିପ୍ତ ହୋଇ) ମୋ ଠାରୁ ଦୂରେଇ ଯାଇଥାଏ, ସେହି ବ୍ୟକ୍ତି ଯେଭଳି ଦୂରେଇ ଯାଇଥାଏ ଠିକ୍ ସେହିଭଳି ତା'ର ଦୁଆ ସ୍ୱୀକୃତ ହେବାରେ ମଧ୍ୟ ପରଦା, ବ୍ୟବଧାନ ସୃଷ୍ଟି ହୋଇଯାଇଥାଏ ।

**ନୱାଫିଲ୍‌ର ବାସ୍ତବତା :**

ବେଳେବେଳ ଅବୋଧ ବ୍ୟକ୍ତି ଦୁଆ ସ୍ୱୀକୃତ ନହେବା ଦ୍ୱାରା ବିଧର୍ମୀ ବା ଧର୍ମଦ୍ରୋହୀ ପାଲଟି ଯାଇଥାଏ । ସହି ବୁଖାରୀରେ ହଦିସ୍ ମହଜୁଦ୍ ରହିଛି ଯେ, ନୱାଫିଲ୍ ମାଧମରେ ବିଶ୍ୱାସକାରୀ ବ୍ୟକ୍ତି ମୋର ସାମୀପ୍ୟତା ଏବଂ ମୋର ସାନ୍ନିଧତା ପ୍ରାପ୍ତ କରିଥାଏ । ଅର୍ଥାତ୍ ଗୋଟିଏ ବାଧ୍ୟତାମୂଳକ ହୋଇଥିଲା ବେଳେ ଅନ୍ୟଟି ଇଚ୍ଛାଧୀନ (ସ୍ୱେଚ୍ଛାକୃତ) ହୋଇଥାଏ । ଅର୍ଥାତ୍ ନୱାଫିଲ୍ । ଗୋଟିଏ ହେଉଛି ସେହି ଆଦେଶାବଳୀ ଯାହାକୁ ସମ୍ପାଦନ ଓ ନିର୍ବାହ କରିବା ଅନିର୍ବାଯ୍ୟ ଏବଂ ନୱାଫିଲ୍ ହେଉଛି ସେହି କୃତ୍ୟ ବା ସେହି ଉପାସନା ଯାହା କର୍ତ୍ତବ୍ୟ ଅର୍ଥାତ୍ ବାଧ୍ୟତାମୂଳକ ଉପାସନା ଠାରୁ ଅତିରିକ୍ତ ଉପାସନା ଅଟେ । ତାହା ଏଇଥି ପାଇଁ ଯେ, ଯଦି ଫରଜ୍ ଅର୍ଥାତ୍ ବାଧ୍ୟମୂଳକ ଉପାସନାରେ କୌଣସି ତ୍ରୁଟି, ଦୁର୍ବଳତା ଓ ଅଭାବ ରହିଯାଇଥିବ ତେବେ ଇଚ୍ଛାଧୀନ ଅର୍ଥାତ୍ ନୱାଫିଲ୍ ଉପାସନାରୁ ତାହା ପୂର୍ଣ୍ଣ ହୋଇଯିବ ।

ନୱାଫିଲ୍ କହିଲେ, ଲୋକମାନେ କେବଳ ନଫିଲ୍ ନମାଜକୁ ହିଁ ନୱାଫିଲ୍ ବୋଲି ମନେ କରିଥାଆନ୍ତି । ଏପରି ନୁହେଁ । ବରଂ ପ୍ରତ୍ୟେକ କୃତ୍ୟ, ପ୍ରତ୍ୟେକ କର୍ମ ସହିତ ନୱାଫିଲ୍ ନିହିତ ଓ ସଂଶ୍ଳୀଷ୍ଟ ରହିଛି ।

ଯେପରି ମନୁଷ୍ୟ ଜକାତ୍ ଦେଇଥାଏ ଠିକ୍ ସେହିପରି ବିନା ଜକାତରେ ମଧ୍ୟ ମନୁଷ୍ୟ ଦାନ ଧର୍ମ କରିବା ଉଚିତ୍ । ଯେପରି ମନୁଷ୍ୟ ରମ୍‌ଜାନ୍ ମାସରେ ଓ୍ୱଷା ରଖିଥାଏ ଠିକ୍ ସେହିପରି ରମ୍‌ଜାନ ମାସ ବ୍ୟତୀତ ମଧ୍ୟ ସେ ରୋଜା ରଖୁ । ଯେପରି ମନୁଷ୍ୟ ଅନ୍ୟ ବ୍ୟକ୍ତି ଠାରୁ ଋଣ ନେଇଥାଏ ଠିକ୍ ସେହିପରି ସେ ଋଣ ଠାରୁ କିଛି ଅଧିକ ଅର୍ଥ ମଧ୍ୟ ପୈଠ କରୁ । କାରଣ ସେହି ବ୍ୟକ୍ତି ନମ୍ର ମନୋଭାବ ପ୍ରଦର୍ଶ କରିଛି ।

ନୱାଫିଲ୍ କର୍ମକୁ ସମ୍ପାଦିତ ଓ ସଂପୂର୍ଣ୍ଣ କରିଥାଏ । ନଫିଲ୍ ସମୟରେ ମନୁଷ୍ୟ ହୃଦୟରେ ଏକ ପ୍ରକାରର ବିନମ୍ରତା, ବିନୀତତା ଓ ଭୟ ସୃଷ୍ଟି ହୋଇଥାଏ । ଅର୍ଥାତ୍ ବାଧ୍ୟତାମୂଳକ କୃତ୍ୟରେ ଯଦିଁ କୌଣସି ତ୍ରୁଟି କିମ୍ବା କୌଣସି ଅଭାବ

ରହିଯାଇଛି କିମ୍ବା ଧେୟ କର୍ମରେ ଯଦି କୌଣସି ତ୍ରୁଟି ବିଚ୍ୟୁତି ହୋଇଯାଇଥିବ ତେବେ ତାହା ନଓ୍ୱାଫିଲ୍ ମାଧ୍ୟମରେ ପୂର୍ଣ୍ଣ ହୋଇଯିବ । ଏହା ହିଁ ସେହି ରହସ୍ୟ ଯାହା ଈଶ୍ୱରଙ୍କ ସାମୀପ୍ୟତା ଓ ସାନ୍ନିଧତା ସହିତ ସଂଶ୍ଳିଷ୍ଟ ଅଟେ । ଅର୍ଥାତ୍ ବ୍ୟକ୍ତି ମଧ୍ୟରେ ବିନୀତତା, ବିନମ୍ରତା ଓ ପୃଥକତା ଅବସ୍ଥା ସୃଷ୍ଟି ହୋଇଯାଇଥାଏ । ଅତଃ ଏହି ସାମୀପ୍ୟତା ଯୋଗୁଁ ଅୟ୍ୟାମେ ବିଜ୍ର ରୋଜା (କମ୍ରୀ ମାସର 13,14 ଓ 15 ତାରିଖ) ଦିନମାନଙ୍କରେ ଶଓ୍ୱାଲର 6 ଟି ରୋଜା ମଧ୍ୟ ନଓ୍ୱାଫିଲ୍ ଅଟନ୍ତି । **(ମଲ୍ଫୁଜାତ୍, ଭାଗ-2, ପୃ-79-80, ସଂସ୍କରଣ ବର୍ଷ-2018 ମସିହା, ସ୍ଥାନ-କାଦିୟାନ୍)**

☆--☆--☆

## ଇସ୍‌ଲାମ୍ ଧର୍ମ ଅମାନତ୍ (ସନ୍ତକ), ବିଶ୍ୱସ୍ତତା ଓ ଚୁକ୍ତିଭିତ୍ତିକ ଅଙ୍ଗୀକାର ପାଳନ କରିବା ନିମନ୍ତେ ବିଶେଷ ରୂପେ ପ୍ରାଧାନ୍ୟ (ଜୋର୍) ଦେଇଥାଏ । ଅଲ୍ଲାଃତାଲା କୁହନ୍ତି ଯେଉଁ ବିଶ୍ୱାସକାରୀମାନେ ଅମାନତ, ଶପଥ ପୂରଣ ଓ ଅଙ୍ଗୀକାର ପ୍ରଦର୍ଶନ କରିବାକୁ ଯାଇ ଉତ୍ତମ ଉଦାହରଣ ପ୍ରଦର୍ଶନ କରନ୍ତି ସେହି ବିଶ୍ୱାସକାରୀମାନେ ହିଁ ସାଫଲ୍ୟମଣ୍ଡିତ ହେବେ ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ମୁମିନୁନର ଆୟତ୍ ସଂଖ୍ୟା ୨ وَالَّذِيْنَ هُمْ لِاَمٰنٰتِهِمْ وَعَهْدِهِمْ رٰعُوْنَ ର ବ୍ୟାଖ୍ୟା କରି କୁହନ୍ତି: "ରସୁଲ୍ କରୀମ୍ ସ.ଅ ନିଜର ଅଙ୍ଗୀକାର ପୂରଣ ତଥା ପ୍ରତିଶ୍ରୁତି ପୂରଣ କରିବା ନିମନ୍ତେ ସର୍ବଦା ଚିନ୍ତିତ ରହୁଥିଲେ । କାରଣ ବର୍ତ୍ତମାନ ଆପଣ ସ.ଅ ଅବତାରତ୍ୱର ଦାବି କରି ନଥିଲି କି ସଂପ୍ରଦାୟ ସଂପ୍ରଦାୟ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଏବଂ ଦୈନନ୍ଦିନ ଜୀବନରେ ପାରସ୍ପାରିକ କଳହ ଏବଂ ଉପଦ୍ରବକୁ ଦେଖି ମକ୍କାର କେତେକ ଯୁବକମାନେ ଏକ ସମିତି ଗଠନ କଲେ । ଏହି ସମିତିର ଉଦ୍ଦେଶ୍ୟ ଏହା ଥିଲା କି ନିଷ୍ପେଷିତ ଏବଂ ଅତ୍ୟାଚାରିତମାନଙ୍କୁ ସାହାଯ୍ୟ କରିବା ସେମାନଙ୍କୁ ନ୍ୟାୟ ଦେବା । ରସୁଲ୍ କରୀମ୍ ସ.ଅ ମଧ୍ୟ ଉକ୍ତ ସମିତିରେ ସାମିଲ୍ ହେଲେ । ସମସ୍ତେ ମିଶି ଏହି ଶପଥ ନେଲେ ଯେ, ଯେପର୍ଯ୍ୟନ୍ତ ସମୁଦ୍ରରେ ବୁନ୍ଦାଏ ଜଳ ରହିଥିବ ସେପର୍ଯ୍ୟନ୍ତ ସେମାନେ ନିଷ୍ପେଷିତ ଓ ଅତ୍ୟାଚାରିତମାନଙ୍କୁ ସାହାଯ୍ୟ କରିବେ । ଏହି ସମିତି ସେହି ନିଷ୍ପେଷିତମାନଙ୍କୁ ସର୍ବଦା ସାହାଯ୍ୟ କରିବ ଓ ଅତ୍ୟାଚାରୀମାନଙ୍କ ଠାରୁ ନିଷ୍ପେଷିତ ମାନଙ୍କର ଅଧିକାର ପ୍ରଦାନ କରିବା ନିମନ୍ତେ ଉଦ୍ୟମ କରିବ। ଯଦି ଏହି ସମିତି ଏପରି କରିବାକୁ ସକ୍ଷମ ନହୁଏ ତେବେ ସମିତି ନିଜ ପକ୍ଷରୁ ସେହି ନିଷ୍ପେଷିତମାନଙ୍କୁ ଅଧିକାର ପ୍ରଦାନ କରିବ । ଅତଏବ୍ ଏହି ସମିତି ଯେକି ଅତ୍ୟାଚାରିତମାନଙ୍କୁ ସାହାଯ୍ୟ ଏବଂ ସେମାନଙ୍କର ଅମାନତ୍‌ର ଜିମା ନେଇଥିଲା, ସେହି ସମିତି କ'ଣ କାମ କଲା ଓ କିପରି ଅତ୍ୟାଚାରିତମାନଙ୍କୁ ସାହାଯ୍ୟ କଲା ? ଏଥି ସଂକ୍ରାନ୍ତରେ କୌଣସି ଐତିହାସିକ ତଥ୍ୟ ତ' ମିଳେ ନାହିଁ । କିନ୍ତୁ ଅବତାରତ୍ୱର ଦାବି ପରେ ଯେତେବେଳେ ମକ୍କାର ଲୋକମାନେ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅଙ୍କ ପ୍ରାଣର ଶତ୍ରୁ ପାଲଟିଗଲେ । ଜଣେ ବ୍ୟକ୍ତି ନିଜ ଟଙ୍କା ଅବୁ ଜହଲ୍ ଠାରୁ ନେଇ ଥାଆନ୍ତା, ଅବୁ ଜହଲ୍ କିନ୍ତୁ ସେହି ବ୍ୟକ୍ତିକୁ ଟଙ୍କା ଫେରସ୍ତ କରୁ ନଥିଲା । ତେଣୁ ସେହି ବ୍ୟକ୍ତି ରସୁଲ୍ କରୀମ୍ ସ.ଅଙ୍କ ପାଖକୁ ଆସିଲା ଏବଂ ସେ ଆଁହଜରତ ସ.ଅଙ୍କୁ କହିଲା, ହେ ମୁହମ୍ମଦ ସ.ଅ ! ଆପଣ ହିଲ୍‌ଫୁଲ୍ ଫୁଜୁଲରେ ସାମିଲ୍ ହୋଇଯାଇଛନ୍ତି ଏବଂ ଆପଣ ନିଷ୍ପେଷିତ ବ୍ୟକ୍ତିକୁ ତା'ର ଅଧିକାର ପ୍ରଦାନ କରିବା ନିମନ୍ତେ ଶପଥ ନେଇଥିଲେ । ଆପଣ ଏହି ପ୍ରକାରର ଶପଥ ନେଇଥିଲେ ଯେ, ଆପଣ ସର୍ବଦା ଅତ୍ୟାଚାରିତମାନଙ୍କୁ ସାହାଯ୍ୟ କରିବେ। ମୁଁ ଆପଣଙ୍କୁ ଆପଣଙ୍କ ଶପଥ ସ୍ମରଣ କରାଇ ନିବେଦନ କରୁଛି ଯେ, ମୋର କିଛି ଟଙ୍କା ଅବୁ ଜହଲ୍ ପାଖରେ ରହିଛି । ଅବୁ ଜହଲ୍ ମୋତେ ମୋର କିଛି ଟଙ୍କା ଦେଇ ଥାଆନ୍ତା। ତେଣୁ ଆପଣ ସ.ଅ ମୋ ସହିତ ଅବୁ ଜହଲ୍ ପାଖକୁ ଚାଲନ୍ତୁ ଏବଂ ମୋତେ ମୋର ଟଙ୍କା ଅବୁ ଜହଲ୍ ଠାରୁ ପ୍ରଦାନ କରାଇ ଦିଅନ୍ତୁ । ସେହି ବ୍ୟକ୍ତି ଯେତେବେଳେ ଏହି କଥା କହିଲା, ସେତେବେଳେ ମକ୍କାର ଏହିପରି ମୁକ୍ତ ଭାବରେ ବୁଲାବୁଲି କରିବା ରସୁଲ୍ କରୀମ୍ ସ.ଅଙ୍କ ନିମନ୍ତେ ବିପଦଜନକ ଥିଲା । ଏହା ସାଙ୍ଗକୁ ଅବୁ ଜହଲ୍ ଆପଣ ସ.ଅଙ୍କର ପରମ ଶତ୍ରୁ ଥିଲା । ସମ୍ଭବତଃ ସେ ଆପଣ ସ.ଅଙ୍କୁ କୌଣସି କ୍ଷତି ପହଞ୍ଚାଇ ଦେଇଥାଆନ୍ତା, ଆପଣ ସ.ଅ ତୁରନ୍ତ ଉଠିଲେ ଏବଂ ସେହି ବ୍ୟକ୍ତି ସହିତ ବାହାରି ପଡ଼ିଲେ ଓ ଯାଇ ଅବୁ ଜହଲ୍ ଘରେ ଯାଇ ପହଞ୍ଚିଗଲେ। ଆପଣ ସ.ଅ ଅବୁ ଜହଲ୍‌ର କବାଟ ଠକ୍ ଠକ୍ କଲେ। ଅବୁ ଜହଲ୍ ଠକ୍ ଠକ୍ ସ୍ୱର ଶୁଣି ବାହାରକୁ ବାହାରି ଆସିଲା । ଆପଣ ସ.ଅ ଅବୁ ଜହଲ୍‌କୁ କହିଲେ, ହେ ଅବୁ ଜହଲ୍ ! ତୁମେ ଏହି ବ୍ୟକ୍ତି ଠାରୁ ଟଙ୍କା ନେଇଥିଲ । ତେଣୁ ତୁମେ ଏହି ବ୍ୟକ୍ତିର ଟଙ୍କା ତୁରନ୍ତ ଫେରସ୍ତ କର । ଅବୁ ଜହଲ୍ କିଛି ନକହି ଘର ଭିତରକୁ ଗଲା ଏବଂ ଯାଇ ଟଙ୍କା ନେଇ ଆସିଲା । ଅବୁ ଜହଲ୍ ସେହି ବ୍ୟକ୍ତିକୁ ତା'ର ଟଙ୍କା ଫେରସ୍ତ କରିଦେଲା। ମୁହମ୍ମଦ ସ.ଅଙ୍କ କହିବା ଯୋଗୁଁ ଅବୁ ଜହଲ୍‌ର ଜଣେ ବ୍ୟକ୍ତିକୁ ଟଙ୍କା ଫେରସ୍ତ କରିଦେବା ଘଟଣାଟି ଏପରି ଘଟଣା ନଥିଲା ଯେ, ତାହା ଲୁଚି ରହିଥାଆନ୍ତା । ଉକ୍ତ ଘଟଣାଟି ଜଙ୍ଗଲରେ ନିଆଁ ଲାଗିଲା ଭଳି ମକ୍କା ପର୍ଯ୍ୟନ୍ତ ପହଞ୍ଚିଗଲା ଏବଂ ଲୋକମାନେ ପରସ୍ପର ମଧ୍ୟ କଥାବାର୍ତ୍ତା ହେବାକୁ ଲାଗିଲେ ଯେ, ଅବୁଲ୍ ହକମ୍ ଆମକୁ ତ' କହି ବୁଲୁଥିଲା ଯେ, ତୁମେମାନେ ମୁହମ୍ମଦ୍ ସ.ଅଙ୍କ କଥା ମାନିବ ନାହିଁ । ଆଉ ନିଜେ ସେ ଆଁହଜରତ୍ ସ.ଅଙ୍କ ଠାରୁ ଡରିଗଲା ଯେ, ମୁହୂର୍ତ୍ତକ ମଧ୍ୟରେ ଘର ଭିତରକୁ ଯାଇ ଟଙ୍କା ଦେବା ନିମନ୍ତେ ପ୍ରସ୍ତୁତ ହୋଇଗଲା । ଅର୍ଥାତ୍ ରାଜି ହୋଇଗଲା । ଅବୁ ଜହଲ୍ ଯେତେବେଳେ ଏକଥା ଶୁଣିଲା ସେତେବେଳେ ସେ କହିବାକୁ ଲାଗିଲା ଯେ, ହେ ଲୋକମାନେ ! ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ତୁମେମାନେ ଯଦି ମୋ ସ୍ଥାନରେ ଥାଆନ୍ତ ତେବେ ତୁମେମାନେ ମଧ୍ୟ ସେହି କାମ କରିଥାଆନ୍ତ ଯେଉଁ କାମ ମୁଁ କରିଛି । କାରଣ ମୁହମ୍ମଦ ସ.ଅ ଯେତେବେଳେ ଆସିଲା ସେତେବେଳେ ତା'ର ବାମ ପାର୍ଶ୍ୱରେ ଏବଂ ଦକ୍ଷିଣ ପାର୍ଶ୍ୱରେ ଦୁଇଟି ବିଶାଳକାୟ ଓଟ ଛିଡ଼ା ହୋଇଥିବାର ମୁଁ ଦେଖିବାକୁ ପାଇଲି । ସେହି ଓଟମାନଙ୍କୁ ଦେଖି ମୋ ହୃଦୟ ଭୟଭୀତ ହୋଇଗଲା ଏବଂ ମୁଁ ବୁଝିନେଲି ଯେ, ମୁଁ ଯଦି ମୁହମ୍ମଦ ସ.ଅଙ୍କର କଥା ନମାନେ ତେବେ ଏହି ଦୁଇ ଓଟ ମୋତେ ବିଦୀର୍ଣ୍ଣ (ଚିରି) କରି ଖାଇଯିବେ, ବର୍ତ୍ତମାନ ଉକ୍ତ କଥା ତ' ଅଲ୍ଲାଃତାଲା ହିଁ ଭଲ ଭାବରେ ଜାଣନ୍ତି ଯେ, ଅବୁ ଜହଲ୍‌କୁ ଏପରି ଏକ ଭୟଙ୍କର ଦୃଶ୍ୟମାନ ହୋଇଥିଲା ଅବା ସତ୍ୟକୁ ଦେଖି ଡରି ଯାଇଥିଲା । ସତ୍ୟଜନିତ ଭୟ ତା' ଉପରେ ବିସ୍ତାରିତ ହୋଇଯାଇଥିଲା। କିନ୍ତୁ ସେ ଯାହା ହେଉ ଯେତେବେଳେ ରସୁଲ୍ କରୀମ୍ ସ.ଅ ହିଲ୍‌ଫୁଲ୍ ଫୁଜୁଲର ଚୁକ୍ତିକୁ ସମ୍ମାନ ଜଣାଇ ଜଣେ ନିଷ୍ପେଷିତ ବ୍ୟକ୍ତିର ଅଧିକାର ପ୍ରଦାନ କରିବା ନିମନ୍ତେ ଅତ୍ୟନ୍ତ ଭୟଙ୍କର ପରିସ୍ଥିତିକୁ ଖାତିର ନକରି ଅବୁ ଜହଲ୍ ପାଖରେ ପହଞ୍ଚିଗଲେ ସେତେବେଳେ ସତ୍ୟର ଭୟ ତା'ର ଉପଦ୍ରବ ମନୋବୃତ୍ତିକୁ ଦଳି ଦେଲା ଏବଂ ସେ ନିଷ୍ପେଷିତ ବ୍ୟକ୍ତିର ଅଧିକାରକୁ ପ୍ରଦାନ କରିବା ନିମନ୍ତେ ରାଜି ହୋଇଗଲା ।"

ପୁନଶ୍ଚ ରସୁଲ୍ କରୀମ୍ ସ.ଅ ନିଜର ପ୍ରତିଜ୍ଞା ପୂରଣ କରିବା ନିମନ୍ତେ ଏପରି ଚିନ୍ତିତ ଥିଲେ ଯେ, ସୁଲାହ୍ ହୁଦୈବିୟାହ୍ ଅବସରରେ ଯେତେବେଳେ ଏହି ଚୁକ୍ତି ହେଲା ଯେ, ମକ୍କାର ଲୋକମାନଙ୍କ ମଧ୍ୟରୁ ଯଦି କୌଣସି ଯୁବକ ମୁସଲମାନ ହୋଇଯାଏ ତେବେ ସେହି ଯୁବକକୁ ତା' ସଂପର୍କୀୟମାନଙ୍କୁ ହସ୍ତାନ୍ତର (ଫେରସ୍ତ) କରିଦିଆଯିବ। କିନ୍ତୁ ଯେଉଁ ମୁସଲମାନ ବ୍ୟକ୍ତି ମକ୍କାବାସୀଙ୍କ ଆଡ଼କୁ ଯିବ ସେହି ମୁସଲମାନ ବ୍ୟକ୍ତିକୁ ଫେରସ୍ତ କରିବା ନିମନ୍ତେ ମକ୍କାବାସୀ ବାଧ୍ୟ ହେବେ ନାହିଁ । ବର୍ତ୍ତମାନ ଉକ୍ତ ଚୁକ୍ତିର କାଳି ଶୁଖି ହୋଇ ନଥିଲା କି ସହଲ୍ ଯିଏ ମକ୍କାବାସୀଙ୍କ ପକ୍ଷରୁ ଚୁକ୍ତି କରୁଥିଲା ତା'ର ନିଜ ପୁତ୍ର ଦଉଡ଼ି ଦ୍ୱାରା କବଳିତ ହୋଇ, ଆହତ ଅବସ୍ଥାରେ ରସୁଲ୍ କରୀମ୍ ସ.ଅଙ୍କ ସମ୍ମୁଖରେ ଆସି ପଡ଼ିଗଲା । ସେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ମନରୁ ମୁସଲମାନ ଅଟେ । କିନ୍ତୁ ମୋର ପିତା ମୋତେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିଥିବା ହେତୁ ମୋତେ ବହୁତ ନିର୍ଯ୍ୟାତନା ଦେଉଛନ୍ତି। ଆଜି ମୋର ପିତା ଯେତେବେଳେ ଏଠାକୁ ଆସିଲେ ସେତେବେଳେ ମୁଁ ସୁଯୋଗ ଦେଖି ସେଠାରୁ ଖସି ଆସିଲି ଏବଂ ଏଠାକୁ ଚାଲି ଆସିଲି । ରସୁଲ୍ କରୀମ୍ ସ.ଅ ବର୍ତ୍ତମାନ ସହଲ୍‌ର ପୁତ୍ରକୁ ଉତ୍ତର ଦେଇ ନଥିଲି କି ସହଲ୍ କହିବାକୁ ଲାଗିଲା ଯେ, ହେ ମୁହମ୍ମଦ୍ ସ.ଅ ! ବର୍ତ୍ତମାନ ଚୁକ୍ତି ହୋଇ ସାରିଛି ତା'କୁ ମୋ ସହିତ ଯିବାକୁ ପଡ଼ିବ । ଅବୁ ଜନ୍ଦଲ୍‌ର ଅବସ୍ଥା ସେତେବେଳେ ଏତେ ସଂକଟାପନ୍ନ ଥିଲା ଯେ, ମୁସଲମାନମାନଙ୍କ ଚକ୍ଷୁରୁ ରକ୍ତର ଲୁହ ବହୁଥିଲା । ସ୍ୱୟଂ ଅବୁ ଜନ୍ଦଲ୍ ମଧ୍ୟ ରସୁଲ୍ କରୀମ୍ ସ.ଅଙ୍କୁ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଆପଣ ମୋତେ ପୁଣି ଅବିଶ୍ୱାସକାରୀଙ୍କୁ ହସ୍ତାନ୍ତର କରିଦେବେ ଓ ସେମାନେ ମୋତେ ପୁଣି ପୂର୍ବାପେକ୍ଷା ଅଧିକ ନିର୍ଯ୍ୟାତନା ଦେବେ ? କିନ୍ତୁ ଆପଣ ସ.ଅ କହିଲେ, ହେ ଅବୁ ଜନ୍ଦଲ୍ ! ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ତ' ଚୁକ୍ତିକୁ ଭାଙ୍ଗନ୍ତି ନାହିଁ । ସେ ଯାହା ହେଉ ତୁମକୁ ବର୍ତ୍ତମାନ ମକ୍କା ଯିବାକୁ ହିଁ ପଡ଼ିବ । ତୁମେ ଧୈର୍ଯ୍ୟ ପ୍ରଦର୍ଶ କର ଏବଂ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ରଖ। ସୁତରାଂ ଅବୁ ଜନ୍ଦଲ୍‌କୁ ମକ୍କା ଫେରାଇ ଦିଆଗଲା । ପୁନଶ୍ଚ **(ଅବଶିଷ୍ଟାଂଶ.......ପୃ-12ରେ)**

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ଓ ଅହସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

## (ଖୁତ୍‌ବା ଜୁମା)

**ଯଦି ଆମେମାନେ ସୋସିଆଲ୍ ମିଡ଼ିୟାରେ ଉତ୍ତର ବଦଳରେ ଅଲ୍ଲାଃତାଲାଙ୍କ ସମ୍ମୁଖରେ ଆନତ ହେବୁ, ନିଜର ନମାଜକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ ଢଙ୍ଗରେ ପାଠ କରିବୁ, ନିଜର ସିଜ୍‌ଦାରେ ସେହି ବେଦନା ସୃଷ୍ଟି କରିବୁ ଯେଉଁ ବେଦନା ଦ୍ୱାରା ଅଲ୍ଲାଃତାଲାଙ୍କର ଅତ୍ମାଅଭିମାନ ଯଥାଶୀଘ୍ର ଆବେଗିତ ହୋଇ ଉଠିବ ତେବେ ଆମେମାନେ ଖୁବ୍ ଶୀଘ୍ର ଏହାଠୁ ଅଧିକ ଉତ୍ତମ ପରିଣାମ ପ୍ରାପ୍ତ କରିପାରିବୁ ଯେଉଁ ପରିଣାମ ଏହି ଲୋକମାନେ ନିଜର ଉତ୍ତର ଦେବା ଦ୍ୱାରା ପ୍ରାପ୍ତ କରିବାକୁ ଚାହାନ୍ତି ।**

— — — — — — — — — — — — — — — — — — — — —

**ଆମମାନେଙ୍କର ଏହି କାର୍ଯ୍ୟ ଓ କର୍ତ୍ତବ୍ୟ ନୁହେଁ ଯେ, ଆମେମାନେ ଅଶାଳୀନ ଓ ଖରାପ ଭାଷା ବ୍ୟବହାର କରିବୁ କିମ୍ବା ଏପରି ଢଙ୍ଗରେ ଉତ୍ତର ଦେବୁ ଯଦ୍ଦ୍ୱାରାକି ଅଜାଣତରେ ଆମମାନଙ୍କର ପାଟିରୁ ଏପରି ଶବ୍ଦ ବାହାରିଯିବ ଯାହା କୌଣସି ରୂପରେ ମଧ୍ୟ ଅନ୍ୟର ମର୍ଯ୍ୟାଦା ହାନୀର କାରଣ ହେବ । ତହିଁରୁ ଲାଭ ଉଠାଇ ବିରୋଧୀମାନେ ଏହା କହିବେ କି ଆମେମାନେ ନାଉଜୁବିଲ୍ଲାଃ ଆଁହଜରତ ସ.ଅଙ୍କର ମର୍ଯ୍ୟାଦା ହାନୀ କରିଛୁ ଅବା ଆମେମାନେ ସାହାବା ରିଜ୍‌ୱାନୁଲ୍ଲାଃ ଅଲୈହିମ୍ ଅଜ୍‌ମିଇନ୍‌ଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣକାରୀ ବ୍ୟକ୍ତି ଅଟୁ ।**

— — — — — — — — — — — — — — — — — — — — —

**ଆମମାନଙ୍କ ପାଖରେ ଯାହା କିଛି ରହିଛି ଆମେମାନେ ତାହାକୁ ଆଁହଜରତ ସ.ଅଙ୍କ ସକାଶେ ଉତ୍ସର୍ଗ କରିଦେଇଥାଉ । ଆପଣ ସ.ଅ ହିଁ ସେହି ଖାତମୁଲ୍ ଅମ୍ବିୟା (ଅବତାରମାନଙ୍କର ମୋହର) ଅଟନ୍ତି ଯିଏ ଅଲ୍ଲାଃତାଲାଙ୍କର ପ୍ରିୟାବତାର ଓ ଶେଷ ଅବତାର ଅଟନ୍ତି । ଆପଣ ସ.ଅଙ୍କର ସାହାବାମାନଙ୍କ ସଂକ୍ରାନ୍ତରେ ତ' ହ. ମସିହ୍ ମଉଦ୍ ଅ.ସ ଅସଂଖ୍ୟ ସ୍ଥାନରେ ଏପରି କଥା କହିଛନ୍ତି ଯେ, ତାହା ଆମମାନଙ୍କର ବିରୋଧୀମାନଙ୍କର କଳ୍ପନା ବହିର୍ଭୂତ ଅଟେ ।**

— — — — — — — — — — — — — — — — — — —

**ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୁଁ ନିଜ ଜମାଅତ୍‌କୁ ଉପଦେଶ ଦେଇ କହୁଛି ଯେ, ସେମାନେ (ଜମାଅତ୍‌ର ସଦସ୍ୟବୃନ୍ଦ) ବିରୋଧୀମାନଙ୍କ ଗାଳି ଗୁଲଜ ଶୁଣି ସହ୍ୟ କରନ୍ତୁ । ଗାଳିର ଉତ୍ତର କେବେ ବି ଗାଳି ଦ୍ୱାରା ଦିଅନ୍ତୁ ନାହିଁ । କାରଣ ଏହା ଦ୍ୱାରା କଲ୍ୟାଣ କ୍ଷୟ ହୋଇଯାଇଥାଏ ।"**

— — — — — — — — — — — — — — — — — — —

**ଆମମାନଙ୍କର ଚରିତ୍ର ଖୁବ୍ ଉଚ୍ଚ ହେବା ଉଚିତ୍ । ଯେଉଁ ବ୍ୟକ୍ତିର ଚରିତ୍ର ଉତ୍ତମ ଓ ଉଚ୍ଚ ନୁହେଁ ସେ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍‌ର ପ୍ରକୃତ କର୍ତ୍ତବ୍ୟ ନିର୍ବାହ କଲା ନାହିଁ ।**

— — — — — — — — — — — — — — — — — — —

**ସୋସିଆଲ୍ ମିଡ଼ିୟା (ସାମାଜିକ ଗଣ ମାଧ୍ୟମ)ର ସଦୁପଯୋଗ ସଂପର୍କରେ ହୁଜୁର ଅନ୍‌ୱର୍ ଅ.ବଙ୍କର ବହୁମୂଲ୍ୟ ଓ ଉପାଦେୟ ଉପଦେଶାବଳୀ ।**

**06 JUNE 2025 ମସିହା ଅନୁଯାୟୀ ୦୬ ଇହସାନ୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

**ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି।**

أَشْهَدُ أَنْ لَّا إِلٰهَ اِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔
أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ, ଆଜିକାଲି ଯେଉଁଠି ସୋସିଆଲ୍ ମିଡ଼ିୟା (ସାମାଜିକ ଗଣ ମାଧ୍ୟମ)ର ଉପକାରିତା ରହିଛି ଏବଂ ତହିଁରୁ ଆମେମାନେ ଲାଭାନ୍ୱିତ ହୋଇଥାଉ ସେଠାରେ ଏପରି କେତେକ କଥା ମଧ୍ୟ ଦେଖିବାକୁ ମିଳେ ଯାହା କଷ୍ଟଦାୟକ ହୋଇଥାଏ । ତହିଁରୁ ଅର୍ଥାତ୍ ଏହି ସୋସିଆଲ୍ ମିଡ଼ିୟାରୁ ଲାଭାନ୍ୱିତ ହୋଇ ଆଜାକିଲି ଜମାଅତ୍ ଅହମଦିୟା ବିରୋଧୀମାନେ ଅତ୍ୟନ୍ତ ବାଯ୍ୟ କଥା ମଧ୍ୟ କରି ଥାଆନ୍ତି । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ବିରୁଦ୍ଧରେ ସେମାନେ ମିଛ କଥା ଏବଂ ଅତ୍ୟନ୍ତ ଅଶ୍ଳୀଳ କଥା କହି ଥାଆନ୍ତି, ଯଦ୍ଦ୍ୱାରାକି ଜଣେ ଅହମଦିର ହୃଦୟ ବିଦୀର୍ଣ୍ଣ (ମର୍ମାହତ) ହଇଯାଇଥାଏ । ଅଣ ଅହମଦିମାନଙ୍କର ଏତାଦୃଶ କଥାକୁ ଶୁଣି କେତେକ ଅହମଦିମାନେ ପ୍ରତିକ୍ରିୟା ସ୍ୱରୂପ ଉତ୍ତର ମଧ୍ୟ ଭୁଲ୍ ଢଙ୍ଗରେ ପ୍ରଦାନ କରିଦେଇ ଥାଆନ୍ତି । ଅହମଦିମାନଙ୍କର ଉଦ୍ଦେଶ୍ୟ କିନ୍ତୁ ସତ୍‌ଉଦ୍ଦେଶ୍ୟ ହୋଇଥାଉ ନା କାହିଁକି, କିନ୍ତୁ ବେଳେବେଳେ ପାଟିରୁ ଏପରି ଶବ୍ଦ ବାହାରି ଯାଇଥାଏ ଯାହାର ଅର୍ଥ ଅଣଅହମଦିମାନେ ଭୁଲ୍ ଅର୍ଥ ବାହାର କରିଥାଆନ୍ତି । ତେଣୁ ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆମମାନଙ୍କର ଏହି ପନ୍ଥା ନୁହେଁ ଯେ, ଆମେମାନେ ଏପରି ମନ୍ତବ୍ୟ ଦେବୁ । ବରଂ ଜଣେ ଅହମଦିକୁ ତହିଁରୁ ବର୍ତ୍ତିବା ଉଚିତ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆମମାନଙ୍କର ଏହି କାର୍ଯ୍ୟ ନୁହେଁ ଯେ, ଆମେମାନେ ଖରାପ୍ ଭାଷା ବ୍ୟବହାର କରିବୁ କିମ୍ବା ଏଭଳି ଢଙ୍ଗରେ ଉତ୍ତର ଦେବୁ ଯଦ୍ଦ୍ୱାରାକି ଅଜାଣତରେ ଆମ ତୁଣ୍ଡରୁ ଏପରି ଶବ୍ଦ ନିର୍ଗତ ହୋଇଯିବ ଯାହା କୌଣସି ରୂପରେ ଯେକୌଣସି ବ୍ୟକ୍ତିର ମର୍ଯ୍ୟାଦାହାନୀର କାରଣ ସାଜିବ । ଆମମାନଙ୍କର ଏପରି ଉତ୍ତର ଏବଂ ଏପରି ମନ୍ତବ୍ୟ ପ୍ରକାଶ ଦ୍ୱାରା ବିରୋଧୀମାନେ ଏହା କହି ଥାଆନ୍ତି ଯେ, ଆମେମାନେ ନାଉଜୁବିଲ୍ଲାଃ ଆଁହଜରତ ସ.ଅଙ୍କ ମର୍ଯ୍ୟାଦା ହାନୀ କରିଛୁ ଅବା ଆମେମାନେ ସାହାବା ରିଜୱାନୁଲ୍ଲାଃ ଅଲୈହିମ୍ ଅଜ୍‌ମିଇନ୍‌ଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣକାରୀ ବ୍ୟକ୍ତି ଅଟୁ । କିନ୍ତୁ ଆମମାନଙ୍କର ମନରେ ତ' ଆପଣ ସ.ଅଙ୍କ ପ୍ରତି ଓ ସାହାବାମାନଙ୍କ ପ୍ରତି ଯେଉଁ ମର୍ଯ୍ୟାଦା ରହିଛି ତାହାର କୋଟିଏରୁ ଗୋଟିଏ ଅଂଶ ମଧ୍ୟ ସେହି ବିରୋଧୀମାନଙ୍କ ହୃଦୟରେ, ସେହି ଲୋକମାନଙ୍କର ଚିନ୍ତା, ଚେତନା ଓ ବୋଧ ଶକ୍ତି ମଧ୍ୟରେ ନାହିଁ । ଆମମାନଙ୍କ ଯାହା କିଛି ରହିଛି ବା ଆମମାନଙ୍କ ନିକଟରେ ଯାହାସବୁ ରହିଛି ତାହାକୁ ଆମେମାନେ ଆଁହଜରତ ସ.ଅଙ୍କ ସକାଶେ ଉତ୍ସର୍ଗ କରି ଦେଇଥାଉ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, "ଆପଣ ସ.ଅ ହିଁ ସେହି ଖାତମୁଲ୍ ଅମ୍ବିୟା (ଅବତାରମାନଙ୍କର ମୋହର) ଅଟନ୍ତି ଯିଏ ଅଲ୍ଲାଃତାଲାଙ୍କର ପ୍ରିୟାବତାର ଓ ଶେଷ ଅବତାର ଅଟନ୍ତି । ଆପଣ ସ.ଅଙ୍କର ସାହାବାମାନଙ୍କ ସଂକ୍ରାନ୍ତରେ ତ' ହ. ମସିହ୍ ମଉଦ୍ ଅ.ସ ଅସଂଖ୍ୟ ସ୍ଥାନରେ ଏପରି କଥା କହିଛନ୍ତି ଯେ, ତାହା ଆମମାନଙ୍କର ବିରୋଧୀମାନଙ୍କର କଳ୍ପନା ବହିର୍ଭୂତ ଅଟେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଆମମାନଙ୍କ ହୃଦୟରେ କେବଳ ଆଁହଜରତ ସ.ଅଙ୍କ ମର୍ଯ୍ୟାଦା ହି ନୁହେଁ ବରଂ ଏହି ମର୍ଯ୍ୟାଦା ପର୍ଯ୍ୟନ୍ତ ତ' କେହି ପହଞ୍ଚି ପାରିବ ନାହିଁ । ଅର୍ଥାତ୍ ଆଁହଜରତ ସ.ଅ ଓ ଆପଣ ସ.ଅଙ୍କ ସାହାବାମାନଙ୍କ ପ୍ରତି ଆମମାନଙ୍କ ହୃଦୟରେ ଯେଉଁ ମର୍ଯ୍ୟାଦା ରହିଛି ସେପରି ମର୍ଯ୍ୟାଦା ଅନ୍ୟ ମୁସଲମାନମାନଙ୍କ ହୃଦୟରେ ନାହିଁ । ଅତଏବ୍ ଉକ୍ତ କଥାକୁ ପ୍ରତ୍ୟେକ ଅହମଦିକୁ ନିଜ ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ୍ । ଏପରି କଥା କହିବାରୁ ପ୍ରତ୍ୟେକ ଅହମଦିକୁ ବର୍ତ୍ତିବା ଉଚିତ୍ । ଏପରି କଥା କହିବା ଦ୍ୱାରା ଅଣଅହମଦି ଏବଂ ଅଣମୁସଲମାନମାନଙ୍କ ଉପରେ କୁପ୍ରଭାବ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି ।

କେତେକ ଅହମଦିମାନେ ଏହି ମନେକରନ୍ତି ଯେ, ଆମେମାନେ ସେମାନଙ୍କୁ ଏପରି ଉତ୍ତର ପ୍ରଦାନ କରି ଅତ୍ୟନ୍ତ ସ୍ୱାଭିମାନ ପ୍ରଦର୍ଶନ କରିଅଛୁ । ଯେତେବେଳେ ସେମାନଙ୍କୁ ପଚାର ସେତେବେଳେ ସେମାନଙ୍କର ଉତ୍ତର ଏହା ହିଁ ହୋଇଥାଏ । ଅପରପକ୍ଷେ ଏହା ନାମକୁ ମାତ୍ର ମୂର୍ଖତାମୂଳକ ସ୍ୱାଭିମାନ ଅଟେ । ଯଦି କୌଣସି ବ୍ୟକ୍ତି ଅହମଦି ହୋଇ ଏଭଳି କଥା କହିଥାଏ ଯେଉଁ କଥା ଦ୍ୱାରା କୌଣସି ବ୍ୟକ୍ତି ଏହାର ଭୁଲ୍ ଅର୍ଥ ବାହାର କରିବ ତେବେ ସେ ହ. ମସିହ୍ ମଉଦ୍ ଅ.ସ ଏବଂ ଆପଣ ସ.ଅଙ୍କ ଜମାଅତ୍‌କୁ ବଦ୍‌ନାମ୍ କରିଥାଏ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ହେ ମୋର ଜମାଅତ୍‌ର ସଦସ୍ୟବୃନ୍ଦ ! ତୁମେମାନେ ଧୈର୍ଯ୍ୟ ପ୍ରଦର୍ଶନ କର ଓ ସର୍ବଦା ଧୈର୍ଯ୍ୟ ପ୍ରଦର୍ଶନ କରିବ ।"

ହୁଜୁର ଅନ୍‌ୱର୍ ଅ.ବ କହିଲ, ସେହିପରି ଅନ୍ୟ ଏକ ସ୍ଥାନରେ ଆପଣ ଅ.ସ କୁହନ୍ତି: "ଏହି ବିରୋଧୀମାନେ ମୋତେ ଗାଳି ଗୁଲଜ କରନ୍ତି ଓ ଭର୍ତ୍ସନା କରିଥାଆନ୍ତି । କିନ୍ତୁ ମୁଁ ସେମାନଙ୍କ ଗାଳି ଗୁଲଜ ଓ ଭର୍ତ୍ସନାକୁ ଭୃକ୍ଷେପ କରୁ ନାହିଁ କି ସେମାନଙ୍କ ପ୍ରତି କ୍ଷୋଭ ମଧ୍ୟ ପ୍ରକାଶ କରି ନଥାଏ । କାରଣ ସେମାନେ ମୋତେ ଗାଳି ଦେଇ ଦେଇ ଅତିଷ୍ଠ ତଥା ନିରାଶ୍ରୟ ହୋଇଯାଇଛନ୍ତି ଏବଂ ନିଜର ଅସହାୟ ପଣ ଓ ନୀଚତାକୁ ଲୁଚାଇବାକୁ ଯେଇଁ ସେମାନେ ମୋତେ ଗାଳି ଗୁଲଜ କରି ଥାଆନ୍ତି ।"

ଏହି ନୀଚତା ଏବଂ ଆତ୍ମ ବଡ଼ିମାମୂଳକ ଅସ୍ତ୍ର ବ୍ୟବହାର କରୁଛନ୍ତି । ଅତଏବ୍ ସେମାନଙ୍କ ନିକଟରେ ଆଉ କୌଣସି ପ୍ରମାଣ ନାହିଁ କି ଆଉ କୌଣସି ଉତ୍ତର ନାହିଁ। ତେଣୁ ଏହି ବିରୋଧୀମାନେ ମୋତେ ଗାଳି ଦେବା ବ୍ୟତୀତ ଅନ୍ୟ କିଛି ଜାଣନ୍ତି ନାହିଁ।"

ଆପଣ ଅ.ସ କୁହନ୍ତି: "ଏହି ଲୋକମାନେ ମୋ ଉପରେ ଅବଜ୍ଞା ଏବଂ ଅବିଶ୍ୱାସକାରୀତାର ଧର୍ମାଦେଶ ପ୍ରୟୋଗ କରନ୍ତୁ ପଛେ, ମୋ ଉପରେ ମିଛ ମକଦ୍ଦମା ଦାୟର୍ କରନ୍ତୁ ପଛେ ଓ ମୋ ଉପରେ ନାନା ମିଥ୍ୟାରଚନା (ମିଥ୍ୟାରୋପ) କରନ୍ତୁ ପଛେ, ସେମାନେ ନିଜର ସକଳ ଶକ୍ତି ଓ ସାମର୍ଥ୍ୟକୁ ବିନିଯୋଗ କରି ନିଅନ୍ତୁ ପଛେ ଏବଂ ଦେଖି ନିଅନ୍ତୁ ଯେ, ଶେଷ ନିଷ୍ପତ୍ତି ଓ ଶେଷ ନିର୍ଣ୍ଣୟ କାହା ସପକ୍ଷରେ ହେବ । ତୁମେମାନେ ଯେଉଁ ଚେଷ୍ଟା କରିବ କରିନିଅ, କିନ୍ତୁ ଅଲ୍ଲାଃତାଲା ମୋ ସହିତ ଅଛନ୍ତି। ଚୂଡ଼ାନ୍ତ ନିର୍ଣ୍ଣୟ ତ' ଅବଶ୍ୟ ଦୃଶ୍ୟମାନ ହୋଇଯିବ ଯେ, ଅଲ୍ଲାଃତାଲା କାହା ସହିତ ଅଛନ୍ତି ? ମୁଁ ଯଦି ଏହି ଭର୍ତ୍ସନାକାରୀ, ଗାଳି ଗୁଲଜ ଦେଉଥିବା ବ୍ୟକ୍ତିମାନଙ୍କୁ ଭ୍ରୁକ୍ଷେପ କରିବି ତେବେ ମୋ ଉପରେ ଯେଉଁ ଗୁରୁଦାୟିତ୍ୱଟି ନ୍ୟସ୍ତ ହୋଇଛି ତାହା ଅପୂର୍ଣ୍ଣ ରହିଯିବ । ତାହା ସମ୍ପାଦିତ ହୋଇପାରିବ ନାହିଁ । ସେଇଥି ପାଇଁ ମୁଁ ଏହି ବିରୋଧୀମାନଙ୍କର ଗାଳି ଗୁଲଜକୁ ଭ୍ରୁକ୍ଷେପ କରୁ ନାହିଁ ।"

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୁଁ ନିଜ ଜମାଅତ୍‌କୁ ଉପଦେଶ ଦେଇ କହୁଛି ଯେ, ସେମାନେ (ଜମାଅତ୍‌ର ସଦସ୍ୟବୃନ୍ଦ) ବିରୋଧୀମାନଙ୍କ ଗାଳି ଗୁଲଜ ଶୁଣି ସହ୍ୟ କରନ୍ତୁ । ଗାଳିର ଉତ୍ତର କେବେ ବି ଗାଳି ଦ୍ୱାରା ଦିଅନ୍ତୁ ନାହିଁ । କାରଣ ଏହା ଦ୍ୱାରା କଲ୍ୟାଣ କ୍ଷୟ ହୋଇଯାଇଥାଏ । ଆପଣମାନେ ଧୈର୍ଯ୍ୟ ଏବଂ ସହିଷ୍ଣୁତାମୂଳକ ଆଚରଣ ପ୍ରଦର୍ଶନ କରନ୍ତୁ ଓ ନିଜର ଉତ୍ତମ ଆଚରଣ ପ୍ରଦର୍ଶନ କରନ୍ତୁ ।"

ନିଃସନ୍ଦେହ ରୂପେ ତୁମେମାନେ ଏକଥା ସ୍ମରଣ ରଖ ଯେ, ବୁଦ୍ଧି ଓ ଆବେଗିକ ଉତ୍ସାହ ମଧ୍ୟରେ ଏକ ଭୟଙ୍କର ଶତ୍ରୁତା ନିହିତ ରହିଛି । ଯେତେବେଳେ ମନୁଷ୍ୟକୁ କ୍ରୋଧ ଆସିଥାଏ ସେତେବେଳେ ବ୍ୟକ୍ତି ବୁଦ୍ଧି ବିବେକ ଶୂନ୍ୟ ହୋଇପଡ଼େ ଏବଂ ନିଜର ହିତାହିତ ଜ୍ଞାନକୁ ଭୁଲି ଯାଇଥାଏ । କିନ୍ତୁ ଯେଉଁ ବ୍ୟକ୍ତି ଧୈର୍ଯ୍ୟ ପ୍ରଦର୍ଶନ କରିଥାଏ ଏବଂ କୋମଳତା ପ୍ରଦର୍ଶନ କରିଥାଏ ସେହି ବ୍ୟକ୍ତିକୁ ଆଲୋକ ପ୍ରଦାନ କରାଯାଇଥାଏ । ଏହି ଆଲୋକ ଦ୍ୱାରା ସେହି ବ୍ୟକ୍ତିର ବୁଦ୍ଧି, ଚିନ୍ତା ଓ ଚେତନା ଶକ୍ତିରେ ଏକ ପ୍ରକାରର ନୂତନ ଆଲୋକ ସୃଷ୍ଟି ହୋଇ ଯାଇଥାଏ । ପୁନଶ୍ଚ ଆଲୋକରୁ ଆଲୋକ ଶିଖା ହିଁ ସୃଷ୍ଟି ହୋଇଥାଏ । ମନୁଷ୍ୟ ଯେତେବେଳେ କ୍ରୋଧାଭାବ ଏବଂ ଅତି ମାତ୍ରାରେ ଆବେଗ ପ୍ରବଣ ହୋଇପଡ଼େ ସେତେବେଳେ ତା'ର ମନ ଅନ୍ଧକାର ହୋଇଯାଇଥାଏ। ତେଣୁ ଅନ୍ଧକାରରୁ ଅନ୍ଧକାର ହିଁ ଜାତ ହୋଇଥାଏ ।

**(ମଲଫୁଜାତ୍ ଭାଗ-3, ପୃ-180, ସଂସ୍କରଣ ବର୍ଷ-1984 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏହା ହେଉଛି ସେହି ନୀତି ଶିକ୍ଷା ଯେଉଁ ନୀତିକୁ ସର୍ବଦା ଆମମାନଙ୍କୁ ସ୍ମରଣ ରଖିବା ଉଚିତ୍ । ଏ ଯେଉଁ କେତେକ ଲୋକମାନେ ନିଜସ୍ୱ ରୂପେ ବିଦ୍ୱାନ୍ ହୋଇଯାଆନ୍ତି ଏବଂ ସୋସିଆଲ୍ ମିଡ଼ିଆ କିମ୍ବା ଅଣଅହମଦିମାମାନଙ୍କର ଯେଉଁ ନାମକୁ ମାତ୍ର ମୁଲ୍ଲାମାନେ ରହିଛନ୍ତି ସେମାନେ ଯେତେବେଳେ ଆପତ୍ତି କରିବାକୁ ଲାଗନ୍ତି ସେତେବେଳେ ଏହି ନିଜସ୍ୱ ରୂପେ ବିଦ୍ୱାନ୍ ହୋଇଥିବା ବା ନିଜକୁ ବିଦ୍ୱାନ୍ ବୋଲାଉଥିବା ଅହମଦିମାନେ ସେମାନଙ୍କର ଉତ୍ତର ଦେବାକୁ ଲାଗି ଯାଆନ୍ତି । ତେଣୁ ସେମାନଙ୍କୁ ତହିଁରୁ ବର୍ତ୍ତିବା ଉଚିତ୍ । ଯଦି ଉତ୍ତର ଖୋଜିବାକୁ ଚାହୁଁଛନ୍ତି ତେବେ ଜମାଅତ୍‌ର ବିଦ୍ୱାନ୍‌ମାନଙ୍କ ଠାରୁ ଆପଣମାନେ (ଅହମଦିମାନେ) ଉତ୍ତର ପ୍ରାପ୍ତ କରନ୍ତୁ । ଅତଏବ୍ ଏହି ବିଦ୍ୱାନ୍‌ମାନେ ଯେଉଁମାନେ ଜମାଅତୀୟ ଲିଟ୍ରେଚରର ଗଭୀର ଅଧ୍ୟୟନ କରିଛନ୍ତି ସେମାନଙ୍କୁ ହିଁ ଏ ସଂପର୍କରେ ପ୍ରଶ୍ନ ପଚାରିବା ଉଚିତ୍ ଓ ସେମାନଙ୍କ ଠାରୁ ହିଁ ଉତ୍ତର ପ୍ରାପ୍ତ କରିବା ଉଚିତ୍ । ଏତଦ୍‌ପରେ ସେହି ଅଣଅହମଦିମାନଙ୍କୁ ଏପରି ଉତ୍ତର ପ୍ରଦାନ କରାଯାଉ ଯାହା ପ୍ରକୃତରେ ବଳିଷ୍ଠ ଏବଂ ପ୍ରମାଣଭିତ୍ତିକ ହେବା ଉଚିତ୍ । ଆମମାନଙ୍କର ଏହି ପ୍ରମାଣ ସେହି ଆରୋପ ଏବଂ ଦୋଷକୁ ରଦ୍ଦକାରୀ ପ୍ରାମାଣ୍ୟ ରୂପେ ସାବ୍ୟସ୍ତ ହେବା ଉଚିତ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସଙ୍କର ଯେଉଁ ଶିକ୍ଷା ରହିଛି, ଯେଉଁ ପ୍ରକୃତ ଶିକ୍ଷା ରହିଛି ତାହା ଉପରେ କାର୍ଯ୍ୟାନୁସରଣ କରନ୍ତୁ । ଯଦି ଆପଣମାନେ ସେହି ଶିକ୍ଷାକୁ କାର୍ଯ୍ୟକାରୀ ନ କରନ୍ତି ତେବେ ଆପଣମାନେ ଜମାଅତ୍‌ର ରହି ଜମାଅତ୍‌ର ନାମକୁ ତଳା ପକାଇଲାବାଲା (ଅପଖ୍ୟାତି) ବ୍ୟକ୍ତି ରୂପେ ପରିଗଣିତ ହେବେ । ଅଲ୍ଲାଃତାଲା ଆମମାନଙ୍କୁ ପ୍ରତ୍ୟେକ ପ୍ରକାରର ଉପଦ୍ରବରୁ ସୁରକ୍ଷିତ ରଖନ୍ତୁ ଏବଂ ସେହି ଲୋକମାନଙ୍କୁ ମଧ୍ୟ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଯେଉଁମାନେ ମିଥ୍ୟାମୂଳକ ଅଭିମାନ ପ୍ରଦର୍ଶନକାରୀ ଅଟନ୍ତି । ବେଳେବେଳେ ଅକାରଣରେ ଏପରି ଶତ୍ରୋଚାରଣ କରି ଉପଦ୍ରବକୁ ପ୍ରସାରିତ କରିବାର କାରଣ ସାଜି ଥାଆନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯଦି ଆମେମାନେ ସୋସିଆଲ୍ ମିଡ଼ିଆରେ ଉତ୍ତର ବଦଳରେ ଅଲ୍ଲାଃତାଲାଙ୍କ ସମ୍ମୁଖରେ ଆନତ ହେବୁ, ନିଜର ନମାଜକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ ଢଙ୍ଗରେ ସମ୍ପାଦନ କରିବୁ, ନିଜର ସିଜ୍‌ଦାରେ ସେହି ବେଦନା ସୃଷ୍ଟି କରିବୁ ଯେଉଁ ବେଦନା ଦ୍ୱାରା ଅଲ୍ଲାଃତାଲାଙ୍କର ଆତ୍ମାଭିମାନ ଯଥାଶୀଘ୍ର ଆବେଗିକ ହୋଇ ଉଠେ ତେବେ ଆମେମାନେ ଖୁବ୍ ଶୀଘ୍ର ଏହାଠୁ ଉତ୍ତମ ପରିଣାମ ପ୍ରାପ୍ତ କରିପାରିବୁ ଯେଉଁ ପରିଣାମ ଏହି ଲୋକମାନେ ନିଜର ଉତ୍ତର ଦେବା ଦ୍ୱାରା ପ୍ରାପ୍ତ କରିବାକୁ ଚାହାନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେଇଥି ପାଇଁ ପ୍ରତ୍ୟେକ ଅହମଦିକୁ ତହିଁରୁ ବର୍ତ୍ତିବା ଉଚିତ୍ ଯେ, ଆପଣମାନେ କେବେ ବି ଏପରି କଥା କରନ୍ତୁ ନାହିଁ ଯେଉଁ କଥା ଶତ୍ରୁକୁ ଅକାରଣରେ ଏହି ସୁଯୋଗ ପ୍ରଦାନ କରିବା ଯେ, ଶତ୍ରୁ ଏହା କହିବ ଯେ, ଏହି ଉତ୍ତର ତଥା କଥା ଆହମଦି ବ୍ୟକ୍ତି କହି ଦେଇଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆମମାନଙ୍କର ଚରିତ୍ର ଖୁବ୍ ଉଚ୍ଚ ହେବା ଉଚିତ୍। ଯେଉଁ ବ୍ୟକ୍ତିର ଚରିତ୍ର ଉତ୍ତମ ଓ ଉଚ୍ଚ ନୁହେଁ ସେ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍‌ର ପ୍ରକୃତ କର୍ତ୍ତବ୍ୟକୁ ସଠିକ୍ ରୂପେ ନିର୍ବାହ କଲା ନାହିଁ ।

ଅତଏବ୍ ଆମମାନଙ୍କୁ ନିଜର ନିଜର ଆତ୍ମ ସମୀକ୍ଷା କରିବା ଉଚିତ୍ । ପ୍ରତ୍ୟେକ ବ୍ୟକ୍ତି ନିଜର ଆତ୍ମ ସମୀକ୍ଷା କରୁ । ଆପଣମାନେ ଚିନ୍ତା କରନ୍ତୁ ଓ ନାନା ପ୍ରକାରର ଭୁଲ୍ ଉତ୍ତର ଦେବା ପରିବର୍ତ୍ତେ ଦୁଆ ପ୍ରତି ବିଶେଷ ରୂପେ ଧ୍ୟାନ ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ବିରୋଧୀମାନଙ୍କର ଉପଦ୍ରବ ସେମାନଙ୍କ ଉପରେ ହିଁ ଲେଉଟାଇ ଦିଅନ୍ତୁ । ଆମମାନଙ୍କୁ ବିରୋଧୀମାନଙ୍କର ଉପଦ୍ରବରୁ ଅଲ୍ଲାଃତାଲା ସୁରକ୍ଷିତ ରଖନ୍ତୁ । **ଆମିନ୍** ।

**(ଅଲ୍‌ଫଜଲ୍ ଇଣ୍ଟରନ୍ୟାସନଲ୍, 27 ଜୁନ୍ 2025 ମସିହା, ପୃ-2-3)**

☆--☆--☆

## ବିଗତ ସଂଖ୍ୟା ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମା 30 MAY 2025 ର ଅବଶିଷ୍ଟାଂଶ....

ହୁଜୁର ଅନ୍‌ୱର୍ ଅ.ବ କହିଲେ, କେତେକ ଲୋକମାନେ ଏହା ମନେକରନ୍ତି ଯେ, ସମ୍ଭବତଃ ଜମାଅତ୍ ଅହମଦିୟାରେ ଖିଲାଫତ୍ ବ୍ୟବସ୍ଥାଟି ଶାସକବାଦରେ ରୂପାନ୍ତରିତ ହୋଇଯିବ । କିନ୍ତୁ ଅଲ୍ଲାଃତାଲାଙ୍କର ଏହି ଅଙ୍ଗୀକାର ଏହିପରି ମଧ୍ୟ ରହିଛି ଯେପରି ମୁଁ ଉପରୋକ୍ତରେ ଆଁହଜରତ ସ.ଅଙ୍କର ଭବିଷ୍ୟବାଣୀ ଏବଂ ହଦିସ୍ (ମୁଖ ନିଃସୃତବାଣୀ) ପାଠ କରିଛି ତହିଁରେ ଆପଣ ସ.ଅ ଯାହା କହିଛନ୍ତି ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଯାହା କହିଛନ୍ତି ତହିଁରୁ ଏହା ପ୍ରତିଭାତ (ପ୍ରକାଶିତ) ହୁଏ ଯେ, ଜମାଅତ୍ ଅହମଦିୟାରେ ଯେଉଁ ଖିଲାଫତ୍ ବ୍ୟବସ୍ଥା ଜାରି ରହିଛି ତାହା **ଇନ୍‌ଶାଅଲ୍ଲାଃ** ଆଧାତ୍ମିକ ଖିଲାଫତ୍ ଆକାରରେ ହିଁ ଜାରି ରହିବ । ଏହି ଖିଲାଫତ୍ ବ୍ୟବସ୍ଥା ପ୍ରଳୟ ଦିବସ ପର୍ଯ୍ୟନ୍ତ ଜାରି ରହିବ । ଖିଲାଫତ୍‌ରେ ଏପରି କୌଣସି ସମୟ ଆସିବ ନାହିଁ ଯେ, ଖିଲାଫତ୍ ସଂପର୍କରେ ଲୋକମାନେ ଏହା କହିବେ କି ଜମାଅତ୍ ଅହମଦିୟାରେ ଶାସକବାଦ ବ୍ୟବସ୍ଥା ପ୍ରବିଷ୍ଟ ହୋଇଯାଇଛି । କେତେକ ଉପଦ୍ରବକାରୀ ଲୋକମାନେ ଏହି କଥା କହିବାକୁ ଲାଗନ୍ତି ଯେ, ଜମାଅତ୍ ଅହମଦିୟାରେ ଶାସକବାଦ ପରମ୍ପରା ସୃଷ୍ଟି ହୋଇଯାଇଛି । ଏହା କେବେ ବି ସମ୍ଭବ ହେବ ନାହିଁ । ଏହା ଅଲ୍ଲାଃତାଲାଙ୍କର ଅଙ୍ଗୀକାର ଯେ, **ଇନଶାଅଲ୍ଲାଃହୁ ତାଆଲା** ଜମାଅତ୍‌ରେ ସର୍ବଦା ଆଧାତ୍ମିକ ଖିଲାଫତ୍ ବ୍ୟବସ୍ଥା ଅବ୍ୟାହତ ରହିବ । ଅଲ୍ଲାଃତାଲା ଏହି ଅଙ୍ଗୀକାର କରିଛନ୍ତି ଯେ, ଏହି ଖିଲାଫତ୍ ବ୍ୟବସ୍ଥା ଯେପରି ପୂର୍ବବର୍ତ୍ତୀ ଲୋକମାନଙ୍କ ମଧ୍ୟରେ ସ୍ଥାପିତ ହୋଇଥିଲା ଠିକ୍ ସେହିପରି ତୁମମାନଙ୍କ ମଧ୍ୟରେ ମଧ୍ୟ ଏହି ଖିଲାଫତ୍ ବ୍ୟବସ୍ଥା ସ୍ଥାପିତ ହେବ। ଯେଉଁ ଖିଲାଫତ୍ ପୂର୍ବବର୍ତ୍ତୀ ଲୋକମାନଙ୍କ ମଧ୍ୟରେ ସ୍ଥାପିତ ହୋଇଥିଲା ତାହା ଶାସକବାଦମୂଳକ ଖିଲାଫତ୍ ନଥିଲା । ବରଂ ତାହା ଆଧାତ୍ମିକ ଭିତ୍ତିକ ଖିଲାଫତ୍ ଥିଲା । ଏହି ପୂର୍ବବର୍ତ୍ତୀ ଖିଲାଫତ୍ ସଂପର୍କରେ ଅଲ୍ଲାଃତାଲା ସୂଚନା ପ୍ରଦାନ କରିଛନ୍ତି । ପବିତ୍ର କୁରଆନ୍ କରୀମ୍‌ର ଚର୍ଚ୍ଚିତ ଅବତାରମାନଙ୍କର ଇତିହାସରୁ ଆମେମାନେ ଏହା ଜାଣିବାକୁ ପାଇଥାଉ ଯେ, ପୂର୍ବବର୍ତ୍ତୀ କାଳରେ ଯେଉଁ ଖିଲାଫତ୍ ବ୍ୟବସ୍ଥା ପ୍ରଚଳିତ ଥିଲା ସେହି ଖିଲାଫତ୍ ବ୍ୟବସ୍ଥା ଅଲ୍ଲାଃତାଲା ସିଧାସଳଖ ପ୍ରଦାନ କରିଦେଇଥିଲେ। କିନ୍ତୁ ଅଲ୍ଲାଃତାଲା ଦ୍ୱିତୀୟ ନିଜାମ୍ (ବ୍ୟବସ୍ଥା) ମଧ୍ୟ ତିଆରି କରିଛନ୍ତି ଯାହା ଖୋଲୋଫାଏ ରାଶିଦିନ୍‌ମାନଙ୍କ କାଳରୁ ପ୍ରାରମ୍ଭ ହୋଇଥିଲା ଏବଂ ସେହି ଖିଲାଫତ୍ ବ୍ୟବସ୍ଥା ବର୍ତ୍ତମାନ ଆଗକୁ ମଧ୍ୟ ଜାରି ରହିଛି ।

ଏକଦା ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ମଧ୍ୟ ଏହି ବିଷୟବସ୍ତୁ ଉପରେ ଏକ ପ୍ରବନ୍ଧ ରଚନା କରିଥିଲେ । ଆପଣ ର.ଅଙ୍କ ଏହି ଚିନ୍ତାଧାରା ଥିଲା କି ସମ୍ଭବତଃ ଯୁଗ ଆସିବ ଯେତେବେଳେ ସମ୍ରାଟତ୍ୱ ଓ ଶାସକତ୍ୱ **(ଅବଶିଷ୍ଟାଂଶ.......ପୃ-11ରେ)**

### ଅଲ୍ଲାଃତାଲାଙ୍କ ବାଣୀ

"ଓମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।**

**ତାଲିବେ ଦୁଆ:** Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

### ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

**ତାଲିବେ ଦୁଆ:** Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

## (ଖୁତ୍‌ବା ଜୁମା)

ଆଁହଜରତ[ସ.ଅ] ସମସ୍ତ ଯୋଜନା ଏବଂ ଉପାୟକୁ ବିନିଯୋଗ କରି ସାରିବା ପରେ ନିଜ ଈଶ୍ୱରଙ୍କ ସମ୍ମୁଖରେ ଦୁଆ ନିମନ୍ତେ ହାତ ଉଠାଇଲେ ଏବଂ କହିଲେ:
اَللّٰھُمَّ خُذْ عَلٰی اَسْمَاعِھِمْ وَاَبْصَارِھِمْ فَلَا یَرَوْنَا اِلَّا بَغْتَۃً، وَلَا یَسْمَعُوْنَ بِنَا اِلَّا فُجَاَۃً

— — — — — — — — — — — — — — — — — — — — —

ଆଁହଜରତ[ସ.ଅ] କହିଲେ, "କୁରୈଶ୍‌ମାନେ ସେହି ଚୁକ୍ତିକୁ ଏହି ପ୍ରସଙ୍ଗ ନିମନ୍ତେ ଭଙ୍ଗ କରିଛନ୍ତି ଯେଉଁ ପ୍ରସଙ୍ଗ ଅଲ୍ଲାଃତାଲା ଚାହିଁଛନ୍ତି ।" ହ. ଆଏଶା[ର.ଅ] କହିଲେ: "ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ତହିଁରେ କ'ଣ ପୁଣ୍ୟ ନିହିତ ରହିଛି କି ? ଆପଣ[ସ.ଅ] କହିଲେ, ହିଁ ତହିଁରେ ପୁଣ୍ୟ ଏବଂ କଲ୍ୟାଣ ନିହିତ ରିହଛି ।"

— — — — — — — — — — — — — — — — — — — — —

ଆପଣ[ସ.ଅ]ଙ୍କୁ ଖୁଜାଆ ସଂପ୍ରଦାୟର ଘଟଣା ସଂପର୍କରେ ସୂଚନା ଯେତେବେଳେ ମିଳିଲା ସେତେବେଳେ ଆପଣ[ସ.ଅ] କହିଲେ, "ମୁଁ ସେହି ସତ୍ତାଙ୍କର ଶପଥ କରି କହୁଛି ଯାହାଙ୍କ ହସ୍ତରେ ମୋର ପ୍ରାଣବାୟୁ ରହିଛି । ମୁଁ ସେମାନଙ୍କୁ ପ୍ରତ୍ୟେକ ସେହି ବସ୍ତୁରୁ ସୁରକ୍ଷା ପ୍ରଦାନ କରିବି ଯେଉଁ ବସ୍ତୁ ଦ୍ୱାରା ମୁଁ ନିଜର ପରିବାର ବର୍ଗଙ୍କର ସୁରକ୍ଷା ପ୍ରଦାନ କରିଥାଏ ।"

— — — — — — — — — — — — — — — — — — — — —

ଆପଣ[ସ.ଅ] ଜମ୍ରାହ୍ ର.ଅଙ୍କୁ କୁରେଶ୍‌ମାନଙ୍କ ନିକଟକୁ ପ୍ରେରଣ କଲେ ଏବଂ ତିନୋଟି ପ୍ରସଙ୍ଗ ମଧ୍ୟରୁ ଗୋଟିଏ ପ୍ରସଙ୍ଗ ଅବଲମ୍ବନ କରିବା ନିମନ୍ତେ କହିଲେ । ଅର୍ଥାତ୍ କୁରୈଶମାନେ ଖୁଜାଆ ସଂପ୍ରଦାୟର ନିହତ ହୋଇଥିବା ବ୍ୟକ୍ତିମାନଙ୍କର ଦିୟତ୍ (କ୍ଷତିପୂରଣ) ଦିଅନ୍ତୁ ନତୁବା ବନୁ ନୁଫାସ୍ ସହିତ ସଂପର୍କ ଛିନ୍ନ କରିବାର ସ୍ୱୀକାରୋକ୍ତି ପ୍ରକାଶ କରନ୍ତୁ ଅବା ହୁଦୈବିୟାହ୍ ଚୁକ୍ତିକୁ ସମାପ୍ତ କରନ୍ତୁ ।

— — — — — — — — — — — — — — — — — — — — —

ଅବୁ ସୁଫିୟାନ୍‌ର ମଦିନା ଆସିବା ପୂର୍ବରୁ ଆଁହଜରତ[ସ.ଅ] ନିଜର ସାହାବାମାନଙ୍କୁ କହିଲେ: "ହେ ସାହାବାମାନେ ! ଅବୁ ସୁଫିୟାନ୍ ତୁମମାନଙ୍କ ନିକଟକୁ ଆସୁଅଛି । ସେ ଏହା କହୁଛି ଯେ, ଚୁକ୍ତିର ପୁନଃ ସଂସ୍କରଣ କରିଦିଅ ଏବଂ ସନ୍ଧିର ଅବଧିକୁ ବୃଦ୍ଧି କରିଦିଅ । କିନ୍ତୁ ସେ ଅସନ୍ତୋଷ, ଅକୃତକାର୍ଯ୍ୟ ହୋଇ ଫେରିବ ତା'ର କୌଣସି କଥା ଗ୍ରହଣ କରାଯିବ ନାହିଁ । "

— — — — — — — — — — — — — — — — — — — — —

ମକ୍କା ବିଜୟର ପୃଷ୍ଠଭୂମିରେ ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀର ଅଧ୍ୟାତ୍ମପୂର୍ଣ୍ଣ ଘଟଣାବଳୀର ଚର୍ଚ୍ଚା ।
اَلْكُفْرُ مِلَّةٌ وَّاحِدَة ହୋଇ ସାରିଛି, ସମସ୍ତ ଅବିଶ୍ୱାସକାରୀମାନେ ଏକ ହୋଇଯାଇଛନ୍ତି, ତେଣୁ ମୁସଲମାନମାନଙ୍କୁ ମଧ୍ୟ ଏକତ୍ରିତ ଓ ଏକ ଧର୍ମ ହେବାକୁ ପଡ଼ିବ । ତେବେଯାଇ ସେମାନଙ୍କ ଠାରୁ ନିସ୍ତାର ମିଳି ପାରିବ । ଏହାକୁ ବାଦଦେଲେ ଅନ୍ୟ କୌଣସି ଉପାୟ ନାହିଁ ।

— — — — — — — — — — — — — — — — — — — — —

ଇରାନ୍ ଓ ଇଜ୍ରାଇଲ୍ ମଧ୍ୟରେ ଚାଲିଥିବା ଯୁଦ୍ଧର ପୃଷ୍ଠଭୂମିକୁ ଦୃଷ୍ଟିରେ ରଖି ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଦୁଆ ନିମନ୍ତେ ଆହ୍ୱାନ ।

— — — — — — — — — — — — — — — — — — — — —

13 JUNE 2025 ମସିହା ଅନୁଯାୟୀ ୧୩ ଇହସାନ୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।

**ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।**

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ, ବିଗତ ପୂର୍ବ ଜୁମାର ଅପୂର୍ବ ଜୁମାରେ ମକ୍କା ବିଜୟ ସଂକ୍ରାନ୍ତରେ ମୁଁ ପ୍ରାରମ୍ଭିକ ଚର୍ଚ୍ଚା କରିଥିଲି । ଆଜି ତତ୍‌ସଂକ୍ରାନ୍ତରେ ଅତିରିକ୍ତ ଚର୍ଚ୍ଚା କରିବି । ଉକ୍ତ ଯୁଦ୍ଧର କାରଣ ସଂପର୍କରେ ବର୍ଣ୍ଣିତ ହୋଇଛି ଯେ, ଉକ୍ତ ଯୁଦ୍ଧର ତାତ୍‌କ୍ଷଣିକ କାରଣ ଏହା ହେଲା କି କୁରୈଶ୍‌ମାନେ ସେହି ଚୁକ୍ତିକୁ ଭଙ୍ଗ କରିଦେଲେ ଯେଉଁ ଚୁକ୍ତି ସେମାନେ ସୁଲାହ୍ ହୁଦୈବିୟାହାରେ କରିଥିଲେ ଏବଂ ରସୁଲ୍ କରୀମ୍ ସ.ଅଙ୍କ ସନ୍ଦେଶବାହକଙ୍କୁ ସେମାନେ ଅତ୍ୟନ୍ତ ଅହଂକାରପୂର୍ବକ ଢଙ୍ଗରେ କହିଦେଲେ ଯେ, ଆମେମାନେ ଚୁକ୍ତି ଭଙ୍ଗ କରୁଛୁ ଓ ଆମେମାନେ ମୁହମ୍ମଦ୍ ସ.ଅଙ୍କ ସହିତ ଯୁଦ୍ଧ କରିବୁ । ରସୁଲ୍ କରୀମ୍ ସ.ଅଙ୍କୁ ଯେତେବେଳେ ଏହି ସୂଚନା ପ୍ରାପ୍ତ ହେଲା ସେତେବେଳ ଆପଣ ସ.ଅ ମକ୍କା ମୁହାଁ ହେଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହି ଅବିଶ୍ୱାସକାରୀମାନଙ୍କର ଚୁକ୍ତି ଭଙ୍ଗର ବିସ୍ତୃତ ବିବରଣୀ ଏହିପରି ଅଟେ ଯେ, ଯେତେବେଳେ ସୁଲାହ୍ ହୁଦୈବିୟାହ୍ ହେଲା ସେତେବେଳେ ତହିଁରେ ଏକ ସର୍ତ୍ତ ମଧ୍ୟ ରହିଥିଲା ଯେ, ଆରବ୍ୟ ସଂପ୍ରଦାୟ ମଧ୍ୟରୁ ଯେଉଁ ସଂପ୍ରଦାୟ ଚାହିଁବ ସେ ରସୁଲୁଲ୍ଲାଃ ସ.ଅଙ୍କ ସହିତେ ଚୁକ୍ତି କରିନେଉ ଏବଂ ଯାହାର ଇଚ୍ଛା ହେଉଛି ସେ କୁରୈଶ୍‌ମାନଙ୍କ ସହିତ ଚୁକ୍ତି କରିନେଉ । ସୁତରାଂ ବନୁ ବକର୍ ଓ ବନୁ ଖୁଜାଅ ସଂପ୍ରଦାୟମାନେ ହରମ୍ ଅଞ୍ଚଳର ଆଖପାଖରେ ବାସ କରୁଥିଲେ, ସେମାନଙ୍କ ମଧ୍ୟରୁ ବନୁ ଖୁଜାଅ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଚୁକ୍ତି କରିନେଲା ଏବଂ ସେମାନଙ୍କର ମିତ୍ର ସଂପ୍ରଦାୟ ବନୁ ବକର୍ କୁରେଶ ସଂପ୍ରଦାୟ ସହିତ ଚୁକ୍ତି ସ୍ୱାକ୍ଷରିତ କଲା । ଉଭୟ ସଂପ୍ରଦାୟ ପାରସ୍ପରିକ କଳହରୁ ସୁରକ୍ଷିତ ହୋଇଗଲେ । **(ଫତହୁଲ୍ ବାରି, ଶରହ୍- ସହୀ ବୁଖାରୀ, ଭାଗ-7, ପୃ-661, ଆରାମ୍ ବାଗ୍, କରାଚୀ) (ଫତହ୍ ମକ୍କା, ଲେଖକ-ବାଶ୍‌ମିଲ୍, ପୃ-90,111, ନଫିସ୍ ଏକାଡ଼େମୀ-କରାଚୀ) (ଗଜ୍‌ୱାଦ୍ ୱ ସରାୟା, ଲେଖକ-ମୁହମ୍ମଦ୍ ଅଜହର୍ ଫରିଦ୍ ଶାହ୍, ପୃ-438, ଫରିଦ୍ ପବ୍ଲିଶର୍ସ, ସାହିୱାଲ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଶିକ୍ଷିତ କାଳରେ ବନୁ ଖୁଜାଆ ଓ ବନୁ ବକର୍ ସଂପ୍ରଦାୟ ମଧ୍ୟରେ ଯୁଦ୍ଧ ହୋଇଥିଲା । ଉକ୍ତ ଯୁଦ୍ଧରେ ବନୁ ବକର୍ ସଂପ୍ରଦାୟ ବନୁ ଖୁଜାଅ ସଂପ୍ରଦାୟର ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିଦେଲା ଏବଂ ବନୁ ଖୁଜାଅ ସଂପ୍ରାଦୟ ବନୁ ବକର୍ ସଂପ୍ରଦାୟର ତିନି ଜଣ ବ୍ୟକ୍ତିଙ୍କୁ ହରମ୍ (ନିଷିଦ୍ଧାଞ୍ଚଳ)ରେ ହତ୍ୟା କରିଦେଲେ । ବନୁ ବକର୍ ଓ ବନୁ ଖୁଜାଆ ମଧ୍ୟରେ ଯୁଦ୍ଧ ଚାଲିଥିଲା କି ରସୁଲୁଲ୍ଲାଃ ସ.ଅ ଅବତୀର୍ଣ୍ଣ ହେଲେ । ଆପଣ ସ.ଅ ଅବତାରତ୍ୱର ଦାବି ଯେତେବେଳେ କଲେ ସେତେବେଳେ ଲୋକମାନେ ଇସ୍‌ଲାମ୍ ଧର୍ମ ସଂପର୍କରେ ଜାଣି ଇସ୍‌ଲାମ୍ ଧର୍ମରେ ସାମିଲ୍ ହୋଇଗଲେ । ସେମାନଙ୍କ ସମ୍ମୁଖରେ ନୂତନ କଥା ଆସିଗଲା । ଅର୍ଥାତ୍ ଅବତାରତ୍ୱ କଥା । ଏହି ଅବତାରତ୍ୱ ସଂପର୍କରେ ଲୋକମାନେ ଯେତେବେଳେ ପରସ୍ପର ମଧ୍ୟରେ କଥାବାର୍ତ୍ତା କରିବାକୁ ଲାଗିଲେ ସେତେବେଳେ ସେମାନେ ପରସ୍ପର ମଧ୍ୟରେ ଯୁଦ୍ଧ କରିବାରୁ ଅଟକିଗଲେ । କିନ୍ତୁ ସେମାନେ ନିଜ ମନରେ କ୍ରୋଧ, ଦ୍ୱେଷାଭାବ ଲୁଚାଇ ରଖିଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେତେବେଳେ ଶାବାନ୍ ମାସ ୮ ହିଜ୍ରୀର ମାସ ଆସିଲା ଏବଂ ସୁଲାହ୍ ହୁଦୈବିୟାହ୍‌କୁ 22 ମାସ ବିତି ଯାଇଥିଲା, ସେତେବେଳେ ବନୁ ବକର୍ ସଂପ୍ରଦାୟର ଜଣେ ବ୍ୟକ୍ତି ରସୁଲୁଲ୍ଲାଃ ସ.ଅଙ୍କ ମର୍ଯ୍ୟାଦାହାନୀ କରି ଆଁହଜରତ ସ.ଅଙ୍କ ବିରୁଦ୍ଧରେ ମର୍ଯ୍ୟାଦାକ୍ଷୁର୍ଣ୍ଣକାରୀ କବିତା କହିଲା । ବନୁ ଖୁଜାଅ ସଂପ୍ରଦାୟର ଜନୈକ ଯୁବକ ସେହି ବ୍ୟକ୍ତିକୁ ଯେତେବେଳେ ଏପରି କବିତା ଗାଉଥିବା ଶୁଣିଲା ସେତେବେଳେ ସେ ସେହି ବ୍ୟକ୍ତିକୁ ହତ୍ୟା କରିଦେଲା ଏବଂ ତା'ର ମୁଣ୍ଡକୁ ଦୁଇ ଫାଳ କରିଦେଲା । ଉକ୍ତ ଘଟଣାକୁ କେନ୍ଦ୍ର କରି ଉଭୟ ସଂପ୍ରଦାୟ ମଧ୍ୟରେ କଳହ ଆରମ୍ଭ ହୋଇଗଲା । ଅପର ପକ୍ଷେ ସେହି ଦୁଇ ସଂପ୍ରଦାୟ ମଧ୍ୟରେ ବହୁ ପୂର୍ବରୁ ହିଁ ଶତ୍ରୁତା ଚାଲି ଆସୁଥିଲା ଏବଂ ସାମୟିକ ରୂପେ ଯୁଦ୍ଧ ବିରାମ ଥିଲା । ବନୁ ବକର୍ ସଂପ୍ରଦାୟର ଯେଉଁ ବ୍ୟକ୍ତି ଆଁହଜରତ ସ.ଅଙ୍କ ମର୍ଯ୍ୟାଦାହାନୀ କରି ଯେଉଁ ଅଶ୍ଳୀଳ କବିତା କହିଥାଲା ସେହି ବ୍ୟକ୍ତି ବନୁ ବକର୍ ସଂପ୍ରଦାୟର ବଂଶ ବନୁ ନୁଫାସା ସଂପ୍ରଦାୟର ସଦସ୍ୟ ଥିଲା । ଯେତେବେଳେ ସେହି କବିକୁ ବନୁ ଖୁଜାଆ ସଂପ୍ରଦାୟର ଯୁବକ ଜଣକ ଆହତ କରିଦେଲା ସେତେବେଳେ ବନୁ ବକର୍ ସଂପ୍ରଦାୟ ମଧ୍ୟରେ ବନୁ ନୁଫାସା କୁରୈଶ୍ ସଂପ୍ରଦାୟ ସହିତ ବନୁ ଖୁଜାଆ ସଂପ୍ରଦାୟ ବିରୁଦ୍ଧରେ ସୈନ୍ୟ ଏବଂ ଅସ୍ତ୍ରଶସ୍ତ୍ର ସାହାଯ୍ୟ ନିମନ୍ତେ ନିବେଦନ କଲେ ।

କୁରୈଶ୍ ସଂପ୍ରଦାୟ ବନୁ ବକର୍ ସଂପ୍ରଦାୟକୁ ସାହାଯ୍ୟ କରିବା ନିମନ୍ତେ ହଁ କଲା ।

କିନ୍ତୁ ଅବୁ ସୁଫିୟାନ୍ ହଁ କଲା ନାହିଁ କି ରାଜି ହେଲା ନାହିଁ । ନା ସେ ଏହି ପରାମର୍ଶ ଦେଇଥିଲା ଓ ନା ହିଁ ତା'କୁ ଏଥି ସଂକ୍ରାନ୍ତରେ କିଛି ଜଣା ଥିଲା । ଏଥି ସଂକ୍ରାନ୍ତରେ ଏକ କଥନ ରହିଛି ଯେ, ତା' ସହିତ ପରାମର୍ଶ କରାଯାଇଥିଲା କିନ୍ତୁ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଦେଲା । ଅର୍ଥାତ୍ ଯୁଦ୍ଧ କରିବାକୁ ପ୍ରତ୍ୟାଖ୍ୟାନ କରିଦେଲା। କିନ୍ତୁ ଏସବୁ ସତ୍ତ୍ୱେ କୁରୈଶ୍ ସଂପ୍ରଦାୟ ଅସ୍ତ୍ରଶସ୍ତ୍ର, ଅଶ୍ୱ ଓ ଲୋକମାନଙ୍କ ସହିତ ସେମାନଙ୍କୁ ଅର୍ଥାତ୍ ବନୁ ବକର୍ ସଂପ୍ରଦାୟକୁ ସାହାଯ୍ୟ କଲେ । ସେମାନେ ସମସ୍ତେ ଅତ୍ୟନ୍ତ ଗୁପ୍ତ ଭାବରେ ଆକ୍ରମଣ ଯେତେବେଳେ କଲେ ସେତେବେଳେ ବନୁ ଖୁଜାଆ ସଂପ୍ରଦାୟ ନିଜର ଆତ୍ମରକ୍ଷା କରିପାରିଲା ନାହିଁ । ବନୁ ଖୁଜାଆ ସଂପ୍ରଦାୟ ଚୁକ୍ତି ଯୋଗୁଁ ନିଜକୁ ସୁରକ୍ଷିତ ରଖିଥିଲା ଏବଂ ସେମାନେ ତହିଁରୁ ଅନବଗତ ଥିଲେ । କୁରୈଶ୍, ବନୁ ବକର୍ ଓ ବନୁ ନୁଫାସା ସଂପ୍ରଦାୟକୁ ୱତିର୍ ନାମକ ସ୍ଥାନରେ ସାକ୍ଷାତ୍ କରିବା ନିମନ୍ତେ ପ୍ରତିଶ୍ରୁତି ଦେଲେ । ୱତିର୍ ମକ୍କାର ଗଡ଼ାଣିଆ ଅର୍ଥାତ୍ ଢାଲୁ ଅଞ୍ଚଳ ଥିଲା । ଏହା ମକ୍କାର ପୂର୍ବ ଦିଗରେ ହରମ୍ ସୀମା ଠାରେ ମକ୍କା ଠାରୁ 100 କି.ମି ଦୂରତାରେ ଅବସ୍ଥିତ ଏକ ସ୍ଥାନ ଅଟେ । ବନୁ ଖୁଜାଆ ସଂପ୍ରଦାୟର ଘର ସେହି ସ୍ଥାନରେ ରହିଥିଲା । ଏହି ଲୋକମାନେ ଯେଉଁମାନେ ବିରୋଧୀ ଥିଲେ, ସେମାନେ ଧାର୍ଯ୍ୟ ସମୟରେ ସେଠାରେ ଭେଟ ହେଲେ । କୁରୈଶ୍‌ମାନଙ୍କର ଅଧିପତି ରୂପ ବଦଳାଇ ନେଇଥିଲେ ଏବଂ ନିକାବ୍ ଘୋଡ଼ାଇ ହୋଇଥିଲେ । ସେହି ଛଦ୍ମବେଶୀମାନଙ୍କ ମଧ୍ୟରୁ ସଫୱାନ୍ ବିନ୍ ଉମୈୟାହ୍, ଇକ୍ରମା ବିନ୍ ଅବି ଜହଲ୍, ହୁୱୈତିବ୍ ବିନ୍ ଅବ୍ଦୁଲ୍ ଉଜା, ଶୈବା ବିନ୍ ଉସ୍ମାନ୍ ଏବଂ ମିକ୍ରଜ୍ ବିନ୍ ହଫସ୍ ଇତ୍ୟାଦି ଲୋକମାନେ ରହିଥିଲେ । ଏମାନଙ୍କ ସହିତ ଏମାନଙ୍କର ଦାସମାନେ ମଧ୍ୟ ରହିଥିଲେ । ବନୁ ବକର୍ ସଂପ୍ରଦାୟର ଅଧିପତି ନୌଫଲ୍ ବିନ୍ ମୁଆୱିୟାହ୍ ମଧ୍ୟ ସାଙ୍ଗରେ ରହିଥିଲା । ବନୁ ଖୁଜାଆ ସଂପ୍ରଦାୟ ଅବଚେତନ ଓ ଆଶ୍ୱସ୍ତ ହୋଇ ରାତ୍ର ସମୟରେ ଶୋଇଥିଲେ। ସେମାନଙ୍କ ମଧ୍ୟରୁ ପିଲାମାନଙ୍କର ସଂଖ୍ୟା ଅଧିକ ଥିଲା ଏବଂ ମହିଳା ଓ ଦୁର୍ବଳ ଲୋକମାନେ ମଧ୍ୟ ରହିଥିଲେ । କୁରୈଶ୍ ଓ ବନୁ ନୁଫାସା ସଂପ୍ରଦାୟ ସେମାନଙ୍କ ଉପରେ ସହସା ଆକ୍ରମଣ କଲେ ଓ ଲୋକମାନଙ୍କୁ ଅତ୍ୟନ୍ତ ବୀଭତ୍ସ ତଥା ନିର୍ମମ ଭାବରେ ହତ୍ୟା କରିବା ଆରମ୍ଭ କରିଦେଲା । ଏପର୍ଯ୍ୟନ୍ତକି ସେମାନଙ୍କ ମଧ୍ୟରୁ (ବନୁ ବକର୍ ସଂପ୍ରଦାୟ ମଧ୍ୟରୁ) ଅନେକ ଲୋକମାନେ ହରମ୍ ସୀମା ମଧ୍ୟରେ ପହଞ୍ଚିଗଲେ ଏବଂ ବନୁ ଖୁଜାଆ ସଂପ୍ରଦାୟ ବନୁ ବକର୍ ସଂପ୍ରଦାୟର ଅଧିପତି ନୌଫଲ୍ ବିନ୍ ମୁଆୱିୟାହ୍‌କୁ କହିଲା: "ହେ ନୌଫଲ୍ ! ବର୍ତ୍ତମାନ ତ' ଆମେମାନେ ହରମ୍ ଅଞ୍ଚଳରେ ପ୍ରବେଶ କରି ସାରିଛୁ । ତୁମକୁ ତୁମ ଦିଅଁ (ଉପାସକଙ୍କ) ରାଣ ! ପ୍ରତ୍ୟୁତ୍ତରରେ ନୌଫଲ୍ ଅତ୍ୟନ୍ତ ଅହଂକାରପୂର୍ବକ କହିଲା, ଆଜି କେହି ଦିଅଁ କି କୌଣସି ଉପାସ୍ୟ ଦେବତା ନାହାନ୍ତି ଏଠାରେ । ତେଣୁ ସେମାନେ ହତ୍ୟାକାଣ୍ଡ ଜାରି ରଖିଲେ । ବନୁ ବକର୍ ସଂପ୍ରଦାୟ ସେଦିନ ବନୁ ଖୁଜାଆ ସଂପ୍ରଦାୟର 20 ଜଣ ଲୋକମାନଙ୍କୁ ହତ୍ୟା କରିଥିଲା ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ପରବର୍ତ୍ତୀ ସମୟରେ କୁରୈଶ୍‌ମାନେ ନିଜର ଏହି କୃତ୍ୟ ଯୋଗୁଁ ଅନୁତପ୍ତ ଓ ଲଜ୍ଜିତ ମଧ୍ୟ ହେଲେ । ସେମାନେ ଚିନ୍ତିତ ମଧ୍ୟ ହୋଇଥିଲେ । ସେମାନଙ୍କୁ ଉକ୍ତ କଥା ଜ୍ଞାତ ଥିଲା କି ସେମାନଙ୍କର ଉକ୍ତ କୃତ୍ୟ ଦ୍ୱାରା ସେହି ଚୁକ୍ତି ଭଙ୍ଗ ହୋଇଗଲା । ଅର୍ଥାତ୍ ଯେଉଁ ଚୁକ୍ତି ରସୁଲୁଲ୍ଲାଃ ସ.ଅ କୁରୈଶ୍‌ମାନଙ୍କ ମଧ୍ୟରେ ହୋଇଥିଲା ତାହା ଭାଙ୍ଗିଗଲା । ସୁହେଲ୍ ବିନ୍ ଅମ୍ର ନୌଫଲ୍‌କୁ କହିଲା, ଆମେମାନେ ତୋ ସହିତ ଓ ତୋ ସାଥିମାନଙ୍କ ସହିତ ମିଶି ଯେଉଁ ଲୋକମାନଙ୍କୁ ହତ୍ୟା କରିଛୁ ତୁ ସେସଂପର୍କରେ ଭଲ ଭାବରେ ଅବଗତ ଅଚୁ । ତୁ ସେମାନଙ୍କର ଗଣହତ୍ୟା କରିଛୁ ଏବଂ ତୁ ଅନ୍ୟ ଲୋକମାନଙ୍କୁ ମଧ୍ୟ ହତ୍ୟା କରିବାକୁ ଚାହୁଁଛୁ । କିନ୍ତୁ ଆମେମାନେ ତୋର ଏହି ମନ୍ଦ ଉଦ୍ଦେଶ୍ୟରେ ତୋତେ ଅନୁକରଣ କରିବୁ ନାହିଁ କି ତୋତେ ସମର୍ଥନ ମଧ୍ୟ ଜଣାଇବୁ ନାହିଁ । ତୁ ସେମାନଙ୍କୁ ଛାଡ଼ି ଦେ । ସୁତରାଂ ନୌଫଲ୍ ସେମାନଙ୍କୁ ଛାଡ଼ିଦେଲା ଏବଂ ସେମାନେ ଚାଲିଗଲେ । ହାରିସ୍ ବିନ୍ ହିଶ୍ଶାମ୍ ଏବଂ ଅବ୍ଦୁଲ୍ଲାଃ ବିନ୍ ଅବି ରବିୟାହ୍ ଦୁହେଁ ମିଶି ସଫୱାନ୍ ବିନ୍ ଉମୈୟାହ୍, ସୁହେଲ୍ ବିନ୍ ଅମ୍ର ଓ ଇକ୍ରମା ବିନ୍ ଅବି ଜହଲ୍ ନିକଟକୁ ଗଲେ ଏବଂ ସେମାନଙ୍କୁ ବନୁ ଖୁଜାଆ ସଂପ୍ରଦାୟର ବିରୁଦ୍ଧରେ ବନୁ ବକର୍ ସଂପ୍ରଦାୟର ସାହାଯ୍ୟ କରିଥିବା ହେତୁ ଅତ୍ୟନ୍ତ ନିନ୍ଦା ଏବଂ ଭର୍ତ୍ସନା କଲେ ଯେ, ତୁମେମାନେ ଏ କ'ଣ କଲ ? ତୁମେମାନେ ତ' ସେମାନଙ୍କ ସହିତ ଚୁକ୍ତି କରିଥିଲ । ତୁମେମାନେ ବର୍ତ୍ତମାନ ଯେଉଁ କାର୍ଯ୍ୟ କରିଛ ତାହା ଆମ ଓ ମୁହମ୍ମଦ ସ.ଅଙ୍କ ମଧ୍ୟରେ ଚୁକ୍ତି ଭଙ୍ଗକାରୀ ଅଟେ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-2002-201, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)** (ମୁଜିମୁଲ୍ ମୁଆଲିମିଲ୍ ଜୁଗ୍ରାଫିୟାହ୍ ଫିସ୍ ସିରତିନ୍ ନବୱୀୟାହ୍, ପୃ-331, ଦାରେ ମକ୍କତୁଲ୍ ଲିନ୍ ନଶରି ୱଦ୍ ତୌଜିଇ, 1982 ମସିହା)(ଅବ୍‌ତକାତୁଲ୍ କୁବ୍ରା, **ଭାଗ-2, ପୃ-102, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ) (ସିରତୁଲ୍ ହଲବିୟାହ୍, ଭାଗ-3, ପୃ-103, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଫତହ୍ ମକ୍କା, ଲେଖକ-ବାଶମିଲ୍, ପୃ-98, ନଫିସ୍ ଏକାଡ଼େମୀ, କରାଚୀ) (ଗଜ୍‌ୱାତୁନ୍ ନବୀ ସ.ଅ, ଲେଖକ-ମୁହମ୍ମଦ୍ ଅବ୍ଦୁଲ୍ ଅହଦମ୍, ପୃ-430, ପ୍ରକାଶନ ସ୍ଥାନ- ଜାୱିୟା ପବ୍ଲିଶର୍ସ, ଲାହୋର)(ଗଜ୍‌ୱାତ୍ ୱ ସରାୟା, ଲେଖକ-ମୁହମ୍ମଦ୍ ଅଜହର୍ ଫରିଦ୍ ଶାହ୍, ପୃ-446, ଫରିଦ୍ ପବ୍ଲିଶର୍ସ, ସାହିୱାଲ୍)**

ହାରିସ୍ ବିନ୍ ହଶ୍ଶାମ୍ ଅବୁ ସୁଫିୟାନ୍ ନିକଟକୁ ଆସିଲା ଏବଂ କହିଲା, ତୁମ ଜାତି କେଉଁ ପ୍ରତିକ୍ରିୟା ପ୍ରଦର୍ଶନ କଲା ? ଅବୁ ସୁଫିୟାନ୍ ଉକ୍ତ କଥା ଶୁଣି କହିଲା, ଏହା ଏପରି ଏକ ଘଟଣା ଯେ, ମୁଁ ତହିଁରେ ସଂପୃକ୍ତ ନୁହଁ । କିନ୍ତୁ ମୁଁ ତହିଁରୁ ପୃଥକ୍ ମଧ୍ୟ ନୁହଁ । ଯାହା ହୋଇଛି ତାହା ଅତ୍ୟନ୍ତ ନିନ୍ଦନୀୟ ଅଟେ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ମୁହମ୍ମଦ ସ.ଅ ବର୍ତ୍ତମାନ ନିଃସନ୍ଦେହ ରୂପେ ତୁମ ସହିତ ଯୁଦ୍ଧ କରିବେ । ଅବୁ ସୁଫିୟାନ୍ ଅତିରିକ୍ତ ଏହା ମଧ୍ୟ କହିଲା କି ମୋର ପତ୍ନି ହିନ୍ଦା ମୋତେ କହିଛି ଯେ, ସେ ଏକ ଭୟଙ୍କର ସ୍ୱପ୍ନ ଦେଖିଛି । ସେ ଦେଖିଛି ଯେ, ହଜୁନ୍ ଏକ ଉପତ୍ୟକା ଅଟେ ତାହା ମୁହସ୍‌ସବ୍ ଅଭିମୁଖେ ବୈତୁଲ୍ଲାଃ ଠାରୁ ଦେଢ ମାଇଲ୍ ଦୂରତାରେ ଅବସ୍ଥିତ ଏକ ପର୍ବତ ଅଟେ । ସେହି ଆଡୁ ଏକ ରକ୍ତ ନଦୀ ପ୍ରବାହିତ ହୋଇ ଆସିଲା ଏବଂ ଖନ୍ଦମା ପର୍ଯ୍ୟନ୍ତ ତାହା ପହଞ୍ଚିଗଲା । ଖନ୍ଦମା ମିନା ମାର୍ଗରେ ଏକ ବିଖ୍ୟାତ ପର୍ବତ ଅଟେ । ଲୋକମାନେ ଏହି ପର୍ବତକୁ ନାପସନ୍ଦ କଲେ । **(ଅସ୍‌ସିରତୁଲ୍ ହଲବିୟାହ୍, ଭାଗ-3, ପୃ-103, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଜୀବନୀ ଶବ୍ଦକୋଷ, ପୃ-100,116, ଜୱାର୍ ଏକାଡ଼େମୀ)**

ରକ୍ତ ପ୍ରବାହିତ ହୋଇ ଆସୁଥିଲା ଏବଂ ଲୋକମାନେ ଏହାକୁ ଦେଖି ଭୟଭୀତ ହୋଇଗଲେ । ସେ ଯାହା ହେଉ ରସୁଲୁଲ୍ଲାଃ ସ.ଅଙ୍କୁ ମଧ୍ୟ ଉକ୍ତ ଘଟଣା ଅର୍ଥାତ୍ ବନୁ ଖୁଜାଆ ସଂପ୍ରଦାୟ ଉପରେ ଯେଉଁ ଆକ୍ରମଣ ହୋଇଥିଲା ସେହି ଘଟଣା ସଂପର୍କରେ ଅଲ୍ଲାଃତାଲା ସ୍ୱପ୍ନ ଦର୍ଶନ କରାଇଦେଲେ ।

ଉମ୍ମୁଲ୍ ମୁମିନିନ୍ ହ. ମୈମୁନା ବିନ୍ତ୍ ହାରିସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ସେମାନଙ୍କ ନିକଟରେ ରାତ୍ର ଯାପନ କଲେ । ଆପଣ ସ.ଅ ନମାଜ ନିମନ୍ତେ ୱଜୁ କରିବାକୁ ଉଠିଲେ । ଆପଣ ସ.ଅ ୱଜୁ ସ୍ଥାନରେ ଥିଲେ କି ମୁଁ ଶୁଣିଲି ଯେ, ଆପଣ ସ.ଅ لَبَّيْكَ لَبَّيْكَ لَبَّيْكَ କହିଲେ । ଅର୍ଥାତ୍ ମୁଁ ଉପସ୍ଥିତ ଅଟେ, ମୁଁ ଉପସ୍ଥିତ ଅଟେ, ମୁଁ ଉପସ୍ଥିତ ଅଟେ । ତପ୍ରେ ଆପଣ ସ.ଅ ତିନି ଥର نُصِرْتَ نُصِرْتَ نُصِرْتَ ମଧ୍ୟ କହିଲେ। ଅର୍ଥାତ୍ ତୁମ୍ଭକୁ ସାହାଯ୍ୟ କରାଯିବ, ତୁମ୍ଭକୁ ସାହାଯ୍ୟ କରାଯିବ, ତୁମ୍ଭକୁ ସାହାଯ୍ୟ କରାଯିବ । ଆପଣ ସ.ଅ ଯେତେବେଳେ ୱଜୁ କରି ସାରି ଆସିଲେ ସେତେବେଳେ ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଶୁଣିଛି ଯେ, ଆପଣ ସ.ଅ ତିନି ଥର ଲବବୈକ୍ କହିଲେ ଓ ତିନି ଥର ନୁସିରତୁ କହିଲେ । କ'ଣ ଆପଣ ସ.ଅଙ୍କ ପାଖରେ କୌଣସି ବ୍ୟକ୍ତି ଥିଲା ଯାହା ସହିତ ଆପଣ ସ.ଅ କଥାବାର୍ତ୍ତା କରୁଥିଲେ। ଆପଣ ସ.ଅ କହିଲେ, ବନୁ କାଆବ୍ ଓ ବନୁ ଖୁଜାଆ ସଂପ୍ରଦାୟର ଜଣେ ବ୍ୟକ୍ତି ମୋ ପାଖରେ ଛିଡ଼ା ହୋଇଥିଲା, ସେ ବନୁ ବକର୍ ବିରୁଦ୍ଧରେ ଯୁଦ୍ଧଭିତ୍ତିକ କବିତା କହି ମୋତେ ସାହାଯ୍ୟ ଭିକ୍ଷା ନିମନ୍ତେ ଡାକ ମାରୁଥିଲା । ଏହା ତନ୍ଦ୍ରାବସ୍ଥା ଜନିତ ସ୍ୱପ୍ନାବସ୍ଥା ଥିଲା ଏବଂ ସେହି ବ୍ୟକ୍ତି କହୁଥିଲା ଯେ, କୁରୈଶ୍‌ମାନେ ସେମାନଙ୍କ ବିରୁଦ୍ଧରେ ବନୁ ବକର୍ ବିନ୍ ୱାଏଲ୍‌ର ସାହାଯ୍ୟ କରିଛନ୍ତି । ହ. ମୈମୁନା ର.ଅ ବର୍ଣ୍ଣନା କରନ୍ତି ଯେ, 3 ଦିନ ପରେ ରସୁଲୁଲ୍ଲାଃ ସ.ଅ ଲୋକମାନଙ୍କୁ ଯେତେବେଳେ ସକାଳ ନମାଜ ପାଠ କରାଇଲେ ସେତେବେଳେ ମୁଁ କୌଣସି ଜଣେ ବ୍ୟକ୍ତିକୁ ଏହି କବିତା ପାଠ କରୁଥିବାର ଶୁଣିଲି:

يَارَبِّ اِنِّیْ نَاشِدٌ مُحَمَّدًا حِلْفَ اَبِیْنَا وَاَبِیْهِ الْاَتْلَدَا

ଅର୍ଥାତ୍ ହେ ମୋର ପ୍ରଭୁ ! ମୁଁ ମୁହମ୍ମଦ ସ.ଅଙ୍କୁ ଚୁକ୍ତି ସଂପର୍କରେ ସ୍ମରଣ କରାଇ ଦେଉଛି ଯାହା ଆମମାନଙ୍କର ପୂର୍ବ ପିତୃପୁରୁଷ ଓ ସେମାନଙ୍କର ପିତାମହଙ୍କ ମଧ୍ୟରେ ହୋଇଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ସେହି ରାତ୍ରର ପ୍ରାତଃ ସମୟରେ ଅର୍ଥାତ୍ ଯେଉଁ ରାତ୍ର ବନୁ ନୁଫାସା ଏବଂ ବନୁ ଖୁଜାଆ ସଂପ୍ରଦାୟର ଘଟଣା ୱତିର୍ ନାମକ ସ୍ଥାନରେ ହୋଇଥିଲା, ଆପଣ ସ.ଅ ହ. ଆଏଶା ର.ଅଙ୍କୁ କହିଲେ, ହେ ଆଏଶା ! ଖୁଜାଆ ସଂପ୍ରଦାୟରେ କିଛି ଘଟଣା ଘଟିଛି କି ? ହ. ଆଏଶା ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅଙ୍କ ମଧ୍ୟରେ ଓ କୁରୈଶ୍‌ମାନଙ୍କ ମଧ୍ୟରେ ଯେଉଁ ଚୁକ୍ତି ହୋଇଥିଲା ସେହି ଚୁକ୍ତିକୁ କୁରୈଶ୍‌ମାନେ ଭଙ୍ଗ କରିବା ନିମନ୍ତେ ଦୁଃସାହସ କରିବେ କି ? ଅପରପକ୍ଷେ ଯୁଦ୍ଧ ସେମାନଙ୍କୁ ବହୁ ପୂର୍ବେ

## ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid,
Jamat Ahmadiya Karadapalli (Odisha)

ହିଁ ସମାପ୍ତ କରିଦେଇଅଛି ।

ଆପଣ ସ.ଅ କହିଲେ, ସେମାନେ ସେହି ଚୁକ୍ତିକୁ ଉକ୍ତ ପ୍ରସଙ୍ଗ ସକାଶେ ଭଙ୍ଗ କିରିଛନ୍ତି । ଉକ୍ତ ଚୁକ୍ତି ଭଙ୍ଗ କରିବା ନିମନ୍ତେ ଅଲ୍ଲାଃତାଲା ମଧ୍ୟ ଇଚ୍ଛା ପ୍ରକାଶ କରିଛନ୍ତି। ହ. ଆଏଶା ର.ଅ କହିଲେ, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! କ'ଣ ତହିଁରେ  କଲ୍ୟାଣ ନିହିତ ରହିଛି କି ? ଆପଣ ସ.ଅ କହିଲେ, ହଁ ତହିଁରେ କଲ୍ୟାଣ ନିହିତ ରହିଛି । ଅର୍ଥାତ୍ ଏହା ତ' ଅଲ୍ଲାଃତାଲାଙ୍କର ଇଚ୍ଛା ଥିଲା ଯେ ସେ ଚୁକ୍ତିକୁ ଭଙ୍ଗ କରନ୍ତୁ ଓ ସେମାନଙ୍କୁ ଏଥି ନିମନ୍ତେ ଶାସ୍ତି ମିଳୁ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ବାଦ୍, ଭାଗ-5, ପୃ-2002-201, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତରୁ ଆନୀତ) (ଶରାହ୍ ଅଲ୍ଲାମା ଜର୍କାନୀ-ଭାଗ-3, ପୃ-380-381, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଉକ୍ତ ଘଟଣାର ଚର୍ଚ୍ଚା ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ କରିଛନ୍ତି । ଆପଣ ନିଜସ୍ୱ ଢଙ୍ଗରେ ଉଲ୍ଲେଖ କରନ୍ତି ଯେ, ହ. ମୈମୁନା ର.ଅ କୁହନ୍ତି ଯେ, ଏକଦା ମୋ ପାଳିରେ ରାତ୍ର ସମୟରେ ରସୁଲ୍ କରୀମ୍ ସ.ଅ ମୋ ଘରେ ବିଶ୍ରାମ (ଶୟନ) କରୁଥିଲେ । ଆପଣ ସ.ଅ ଯେତେବେଳେ ନମାଜ ତହଜ୍ଜୁଦ୍ ନିମନ୍ତେ ଉଠିଲେ ସେତେବେଳେ ଆପଣ ସ.ଅ ୱଜୁ କରି କିଛି କହିଲେ। ହ. ମୈମୁନା ର.ଅ କହିଲେ, ମୁଁ ଆଁହଜରତ ସ.ଅଙ୍କୁ କିଛି କହୁଥିବାର ଶୁଣିଲି। ଆପଣ ସ.ଅ କହୁଥିଲେ ଯେ, لَبَّيْكَ لَبَّيْكَ لَبَّيْكَ । ତତ୍ପରେ ଆପଣ ସ.ଅ କହିଲେ, نُصِرْتَ نُصِرْتَ نُصِرْتَ । ହ. ମୈମୁନା ର.ଅ କୁହନ୍ତି ଯେ, ଆପଣ ସ.ଅ ଯେତେବେଳେ ବାହାରକୁ ଆସିଲେ ସେତେବେଳେ ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ କେହି ବ୍ୟକ୍ତି ଆସିଥିଲା ଯାହା ସହିତ ଆପଣ ସ.ଅ କଥାବାର୍ତ୍ତା ହେଉଥିଲେ । ଆପଣ ସ.ଅ କହିଲେ, ହଁ ମୋ ସମ୍ମୁଖରେ ସ୍ୱପ୍ନଜନିତ ତନ୍ଦ୍ରାବସ୍ଥାରେ ଜଣେ ପ୍ରତିନିଧି ସମୂହ ଉପସ୍ଥାପିତ (ହାଜର) ହେଲା ଏବଂ ସେମାନେ କୋଳାହଳ ହୋଇ ଯାଉଥିଲେ ଯେ, ଆମେମାନେ ମୁହମ୍ମଦ ସ.ଅଙ୍କୁ ତା'ଙ୍କ ଈଶ୍ୱରଙ୍କ ରାଣ ଦେଇ କହୁଛୁ ଯେ, ହେ ମୁହମ୍ମଦ୍ ସ.ଅ ! ଆମ୍ଭେମାନେ ତୁମ୍ଭ ସହିତ ଓ ତୁମ୍ଭର ପିତୃତପିତାମହଙ୍କ ସହିତ ଚୁକ୍ତି କରିଥିଲୁ। ଆମ୍ଭେମାନେ ତୁମ୍ଭକୁ ସାହାଯ୍ୟ କରି ଆସୁଥିଲୁ । କିନ୍ତୁ କୁରୈଶ୍‌ମାନେ ଆମ୍ଭମାନଙ୍କ ସହିତ ବିଶ୍ୱାସଘାତକତା କଲେ । ରାତ୍ର ସମୟରେ ଆମ୍ଭେମାନେ ଯେତେବେଳେ ସିଜ୍‌ଦା ଓ ରୁକୁ ଅବସ୍ଥାରେ ଥିଲୁ ସେତେବେଳେ ସେମାନେ ରାତ୍ର ସମୟରେ ହିଁ ସେମାନେ ଆମ୍ଭମାନଙ୍କ ଉପରେ ଆକ୍ରମଣ କଲେ । ବର୍ତ୍ତମାନ ଆମ୍ଭେମାନେ ତୁମ୍ଭର ସାହାଯ୍ୟ ଭିକ୍ଷା କରିବା ନିମନ୍ତେ ଆସିଅଛୁ । ଆଁହଜରତ ସ.ଅ କହିଲେ, ମୁଁ ଦେଖିଲି ଯେ, ଖୁଜାଆ ସଂପ୍ରଦାୟର ଜଣେ ବ୍ୟକ୍ତି ଛିଡ଼ା ହୋଇଛି । ସେହି ବ୍ୟକ୍ତି ଯେତେବେଳେ ମୋତେ ସ୍ୱପ୍ନଜନିତ ତନ୍ଦ୍ରାବସ୍ଥାରେ ଦୃଶ୍ୟମାନ ହେଲା ସେତେବେଳେ ମୁଁ କହିଲି, لَبَّيْكَ لَبَّيْكَ لَبَّيْكَ ଅର୍ଥାତ୍ ହେ ବ୍ୟକ୍ତି ମୁଁ ତୁମ୍ଭମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ପ୍ରସ୍ତୁତ ଅଟେ । ଆଁହଜରତ ସ.ଅ ଉକ୍ତ କଥାକୁ ତିନି ଥର ପୁନରାବୃତ୍ତି କଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ହ. ଆଏଶା ର.ଅ କୁହନ୍ତି ଯେ, ସେହିଦିନ ସକାଳ ସମୟରେ ରସୁଲ୍ କରୀମ୍ ସ.ଅ ମୋ ଘରକୁ ଆସିଲେ ଏବଂ ଆପଣ ସ.ଅ କହିଲେ, ହେ ସାହାବାମାନେ ! ଖୁଜାଆ ସଂପ୍ରଦାୟ ସହିତ ଏକ ଭୟଙ୍କର ଘଟଣା ଘଟିଛି । ହ. ଆଏଶା ର.ଅ କୁହନ୍ତି ଯେ, ମୁଁ ବୁଝିନେଲି ନେଲି ଯେ, ଖୁଜାଆ ସଂପ୍ରଦାୟ ସହିତ ଭୟଙ୍କର ଘଟଣା ଏହି ହିଁ ଘଟିପାରେ ଯେ, ସେମାନେ ମକ୍କାର ସୀମାନ୍ତରେ ଅବସ୍ଥିତ ଅଟନ୍ତି ଏବଂ ମକ୍କାବାସୀଙ୍କ ସଂପର୍କ ବନୁ ବକର୍ ସହିତ ଚୁକ୍ତି ହୋଇଛି । ତେଣୁ ସେମାନେ ଖୁଜାଆ ସଂପ୍ରଦାୟ ଉପରେ ଆକ୍ରମଣ କରିଥାଇ ପାରନ୍ତି । ଆପଣ ସ.ଅ କହିଲେ, ହଁ ଅଲ୍ଲାଃତାଲାଙ୍କ ବିଧାନ ଅନୁଯାୟୀ ସେମାନେ ଉକ୍ତ ଚୁକ୍ତିକୁ ଭଙ୍ଗ କରିଛନ୍ତି । ସେହି ବିଧାନ ଏହିପରି ଥିଲା ଯେ, ରସୁଲ୍ କରୀମ୍ ସ.ଅଙ୍କୁ ଆକ୍ରମଣ କରିବା ନିମନ୍ତେ ଅନୁମତି ନଥିଲା ଏବଂ ଉକ୍ତ ଚୁକ୍ତି ଭଙ୍ଗ ହେବା ଦ୍ୱାରା ଆଁହଜରତ୍ ସ.ଅଙ୍କୁ ଆକ୍ରମଣ କରିବାର ଅନୁମତି ମିଳିଗଲା । ହ. ଆଏଶା ର.ଅ କୁହନ୍ତି ଯେ, ମୁଁ କହିଲି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଏହାର ପରିଣାମ ଉତ୍ତମ ହେବ କି ? ଆପଣ ସ.ଅ କହିଲେ, ହଁ । ପରିଣାମ ଭଲ ହିଁ ହେବ ।

**(ସେରେ ରୁହାନୀ, ଅନ୍‌ୱାରୁଲ୍ ଉଲୁମ୍, ଭାଗ-24, ପୃ-251-252)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣାର ବିବରଣୀ ସଂପର୍କରେ ଉଲ୍ଲେଖ ରହିଛି ଯେ, ବନୁ ବକର ସଂପ୍ରଦାୟ ଓ କୁରୈଶ ସଂପ୍ରଦାୟରେ ସେହି ଅତ୍ୟାଚାରମୂଳକ କାର୍ଯ୍ୟାନୁଷ୍ଠାନ ପରେ ଅମ୍ର ବିନ୍ ସାଲିମ୍ ବନୁ ଖୁଜାଆ ସଂପ୍ରଦାୟର 40 ଜଣ ଅଶ୍ୱାରୋହୀମାନଙ୍କ ସହିତ ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ସାହାଯ୍ୟ ଲୋଡ଼ିବା ନିମନ୍ତେ ବାହାରିଲା । ଖୁଜାଆ ସଂପ୍ରଦାୟର ଅଧିପତି ବୁଦୈଲ୍ ବିନ୍ ୱର୍କା ଖୁଜାଇ ମଧ୍ୟ ସେହି ଦଳ ସହିତ ଥିଲା । ସେମାନେ ଆପଣ ସ.ଅଙ୍କୁ ସମସ୍ତ ଘଟଣା ବୃତ୍ତାନ୍ତ ବର୍ଣ୍ଣନା କଲେ ଯେ, ସେମାନଙ୍କୁ କେଉଁ କେଉଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି ଏବଂ କୁରୈଶମାନେ କିପରି ସେମାନଙ୍କ ବିରୁଦ୍ଧରେ ଅସ୍ତ୍ରଶସ୍ତ୍ର, ସୈନ୍ୟବାହିନୀ ଓ ଅଶ୍ୱାରୋହୀମାନଙ୍କ ମାଧ୍ୟମରେ ବନୁ ବକର୍‌ର ସାହାଯ୍ୟ କରିଛନ୍ତି ଏବଂ କିପରି ସଫୱାନ୍, ଇକ୍ରମା ଓ କୁରୈଶ୍‌ମାନଙ୍କର ଅନ୍ୟ ଅଧିପତିମାନେ ସେହି ଗଣହତ୍ୟାରେ ସାମିଲ୍ ହୋଇଛନ୍ତି ? ଆଁହଜରତ ସ.ଅ ସେତେବେଳେ ନିଜର ସାହାବାମାନଙ୍କ ସହିତ ମସ୍‌ଜିଦ୍‌ରେ ବିରାଜମାନେ ଥିଲେ । ବନୁ ଖୁଜାଆ ସଂପ୍ରଦାୟମାନେ ନିଜର କଥା କହି ସାରିଲେ ସେତେବେଳେ ଖୁଜାଆ ସଂପ୍ରଦାୟର ଅଧିପତି ଅମ୍ର ବିନ୍ ସାଲିମ୍ ଛିଡ଼ା ହେଲା । ସେ କିଛି କବିତାର ପଂକ୍ତି ପାଠ କରି ସାହାଯ୍ୟଭିକ୍ଷା କଲା । ଅତଏବ୍ ସେହି କବିତା ମଧ୍ୟରୁ 2ଟି ପଂକ୍ତି ଏହିପରି ଥିଲା ଯେ,

يَا رَبِّ اِنِّيْ نَاشِدٌ مُحَمَّدًا   حِلْفَ اَبِيْنَا وَاَبِيْهِ الْاَتْلَدَا

ହେ ମୋର ପାଳନକର୍ତ୍ତା ! ମୁଁ ମୁହମ୍ମଦ ସ.ଅଙ୍କୁ ସେହି ଚୁକ୍ତି ସ୍ମରଣ କରାଇ ଦେଉଛି ଯେଉଁ ଚୁକ୍ତି ଆମ ପିତୃପୁରୁଷ ଓ ସେମାନଙ୍କ ପିତୃ ପୁରୁଷଙ୍କ ମଧ୍ୟରେ ହୋଇଥିଲା। ରସୁଲୁଲ୍ଲାଃ ସ.ଅ କହିଲେ, ହେ ଅମ୍ର ବିନ୍ ସାଲିମ୍ ! ତୁମ୍ଭର ଅବଶ୍ୟ ସାହାଯ୍ୟ କରାଯିବ। **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ବାଦ୍, ଭାଗ-5, ପୃ-203-202, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତରୁ ଆନୀତ) (ସିରତୁଲ୍ ହଲବିୟାହ୍, ଭାଗ-3, ପୃ-103, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଜୀବନୀ ଶବ୍ଦକୋଷ, ପୃ-56, ଜୱାର୍ ଏକାଡ଼େମୀ, କରାଚୀ)**

ହ. ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ବନୁ ଖୁଜାଆ ସଂପ୍ରଦାୟର ପ୍ରତିନିଧି ମଣ୍ଡଳ ଆଁହଜରତ ସ.ଅଙ୍କ ପାଖରେ ଯେତେବେଳେ ପହଞ୍ଚିଲା ସେତେବେଳେ ଆପଣ ସ.ଅ ସେମାନଙ୍କୁ ପଚାରିଲେ ଯେ, ହେ ବୁନୁ ଖୁଜାଆ ! ତୁମ ମତରେ ତୁମ ପ୍ରତି ଏହି ଅବିଚାର ଏବଂ ଅତ୍ୟାଚାର କିଏ କରିଛି ? ସେମାନେ ପ୍ରତ୍ୟୁତ୍ତର ଦେଲେ, ବନୁ ବକର୍ ସଂପ୍ରଦାୟ । ଆପଣ ସ.ଅ କହିଲେ, କ'ଣ ସମଗ୍ର ବନୁ ବକର୍ ସଂପ୍ରଦାୟ ତୁମ ପ୍ରତି ଏପରି ଅତ୍ୟାଚାର ପ୍ରଦର୍ଶନ କରିଛିକି ? ବନୁ ଖୁଜାଆ ସଂପ୍ରଦାୟ କହିଲା, ନାହିଁ ନାହିଁ, ବନୁ ନୁଫାସା ସଂପ୍ରଦାୟ ଏହି ଅତ୍ୟାଚାର କରିଛି । ଏମାନଙ୍କର ଅଧିପତି ନୌଫଲ୍ ବିନ୍ ମୁଆୱିୟା ଅଟେ । ଆପଣ ସ.ଅ କହିଲେ, ହେ ବନୁ ଖୁଜାଆ ବନୁ ନୁଫାସ୍ ବନୁ ବକର୍‌ର ହିଁ ଏକ ସଂପ୍ରଦାୟ ଅଟେ । ସୁତରାଂ ବନୁ ଖୁଜାଆ ସଂପ୍ରଦାୟ ଯେତେବେଳେ ରସୁଲ୍ କରୀମ୍ ସ.ଅଙ୍କୁ ସମସ୍ତ କଥା କହିଦେଲେ ସେତେବେଳେ ଆପଣ ସ.ଅ କହିଲେ, ହେ ଖୁଜାଆ ସଂପ୍ରଦାୟମାନେ ! ତୁମେମାନେ ପୃଥକ୍ ପୃଥକ୍ ହୋଇ ଫେରିଯାଅ । ତୁମେମାନେ ବର୍ତ୍ତମାନ ଘରକୁ ଫେରୁଛ । ତେଣୁ ତୁମେମାନେ ଦଳବଦ୍ଧ ହୋଇ ବା ଦଳ ଆକାରରେ ଏକତ୍ରିତ ହୋଇ ଯାଅ ନାହିଁ । ବରଂ ପୃଥକ୍ ପୃଥକ୍ ହୋଇ ଯାଅ । ଆପଣ ସ.ଅ ଏହା ଏଇଥି ପାଇଁ କହିଲେ ଯେ, କାହାରିକୁ ଏହା ଜ୍ଞାତ ନହେଉ ଯେ, ସେମାନେ ଅର୍ଥାତ୍ ବନୁ ଖୁଜଆ ସଂପ୍ରଦାୟ ଆପଣ ସ.ଅଙ୍କୁ ଭେଟିବାକୁ ଆସିଥିଲେ । ତେଣୁ ଉକ୍ତ ପ୍ରସଙ୍ଗକୁ ଗୁପ୍ତ ରଖିଲେ । ସୁତରାଂ ବନୁ ଖୁଜାଅ ସଂପ୍ରଦାୟ ପୃଥକ୍ ପୃଥକ୍ ହୋଇ ନିଜ ନିଜ ଘରକୁ ଫେରିଗଲେ । ସେମାନଙ୍କ ମଧ୍ୟରୁ ଦଳେ ଲୋକ ସମୁଦ୍ର ଉପକୂଳ ଅଭିମୁଖେ ଚାଲିଗେଲେ ଓ ବୁଦୈଲ୍ ବିନ୍ ୱର୍କା ସମେତ ଅନ୍ୟ କେତେକ ଲୋକମାନେ ସାଧାରଣ ମାର୍ଗ ଦେଇ ଗଲେ । ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ଆପଣ ସ.ଅ ବନୁ କାଆବ୍ ଉପରେ ଖୁଜାଆ ସଂପ୍ରଦାୟର ଘଟଣା ଯୋଗୁଁ କ୍ରୋଧିତ ହୋଇ ଯାଇଥିଲେ । ତେଣୁ ମୁଁ ଆଁହଜରତ ସ.ଅଙ୍କୁ ଏତି ରାଗି ଯାଇଥିବାର କେବେ ବି ଦେଖି ନଥିଲି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣ ସ.ଅଙ୍କୁ ଯେତେବେଳେ ଖୁଜାଆ ସଂପ୍ରଦାୟର ଘଟଣା ସଂପର୍କରେ ସୂଚନା ମିଳିଲା ସେତେବେଳେ ଆପଣ ସ.ଅ କହିଲେ, ମୁଁ ସେହି ସତ୍ତାଙ୍କର ଶପଥ କରି କହୁଛି ଯାହାଙ୍କ ହାତ ମୁଠାରେ ମୋର ପ୍ରାଣ ବାୟୁ ରହିଛି । ଯେପରି ମୁଁ ନିଜ ପରିବାରବର୍ଗଙ୍କ ସୁରକ୍ଷା କରିଥାଏ ଠିକ୍ ସେହିପରି ମୁଁ ଖୁଜାଆ ସଂପ୍ରଦାୟର ପ୍ରତ୍ୟେକ ଅନିଷ୍ଟକାରୀ ପ୍ରସଙ୍ଗରୁ ସୁରକ୍ଷା କରିବି । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ବାଦ୍, ଭାଗ-5, ପୃ-2003-204, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତରୁ ଆନୀତ) (ସିରତୁଲ୍ ହଲବିୟାହ୍, ଭାଗ-3, ପୃ-104, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣାର ବିସ୍ତୃତ ବିବରାଣୀ ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ବର୍ଣ୍ଣନା କରିଛନ୍ତି । ଆପଣ ର.ଅ ନିଜସ୍ୱ ଢଙ୍ଗରେ କୁହନ୍ତି: "ସନ୍ 8 ହିଜ୍ରୀର ରମ୍‌ଜାନ୍ ମାସରେ ରସୁଲ୍ କରୀମ୍ ସ.ଅ ସେହି ଶେଷ ଯୁଦ୍ଧ ନିମନ୍ତେ ବାହାରିଲେ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ଯେଉଁ ଯୁଦ୍ଧ ସମଗ୍ର ଆରବ ଦେଶରେ ଇସଲାମ୍ ଧର୍ମକୁ ସ୍ଥାପନ କରିଦେଇଥିଲା । ଉକ୍ତ ଘଟଣାଟି ଏହିପରି ବର୍ଣ୍ଣିତ ହୋଇଛି ଯେ, ସୁଲାହ୍ ହୁଦୈବିୟା ଅବସରରେ ଏହି ନିଷ୍ପତ୍ତି ହୋଇଥିଲା ଯେ, ଆରବର ସଂପ୍ରଦାୟମାନଙ୍କ ମଧ୍ୟରୁ ଯେଉଁ ସଂପ୍ରଦାୟ ଚାହିଁବ ସେ ମକ୍କାବାସୀଙ୍କ ସହିତ ମିଶିପାରି ଏବଂ ଯେଉଁ ସଂପ୍ରଦାୟ ଚାହିଁବ ସେ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅଙ୍କ ସହିତ ମିଶିପାରିବ । ସେହିପରି 10 ବର୍ଷ ପର୍ଯ୍ୟନ୍ତ ଉଭୟ ପକ୍ଷଙ୍କ ମଧ୍ୟରେ ପରସ୍ପର ବିରୁଦ୍ଧରେ କୌଣସି ଯୁଦ୍ଧ କରିବାକୁ ଅନୁମତି ମିଳିବ ନାହିଁ । କିନ୍ତୁ ଯଦି କୌଣସି ସଂପ୍ରଦାୟ ଅନ୍ୟ ସଂପ୍ରଦାୟ ଉପରେ ଆକ୍ରମଣ କଲା ଓ ଆକ୍ରମଣ କରି ଚୁକ୍ତି ଭଙ୍ଗ କରି ଦିଏ ତେବେ ଏହା ଅନ୍ୟ ଏକ ପ୍ରସଙ୍ଗ ହେବ । ଅତଏବ୍ ଉକ୍ତ ଚୁକ୍ତି ଅନୁଯାୟୀ ଆରବର ସଂପ୍ରଦାୟ ବନୁ ବକର୍ ସଂପ୍ରଦାୟ ମକ୍କାବାସୀଙ୍କ ସହିତ ମିଶିଥିଲା ଏବଂ ଖୁଜାଆ ସଂପ୍ରଦାୟ ମୁହମ୍ମଦ ସ.ଅଙ୍କ ସହିତ ମିଳିତ ହୋଇଗଲା । ଆରବର ଅବିଶ୍ୱାସକାରୀମାନେ ଚୁକ୍ତିକୁ ପାଳନ କରିବା ପ୍ରତି ସେତେଟା ଧ୍ୟାନ ଦେଉ ନଥିଲେ। ବିଶେଷ କରି ମୁସଲମାନମାନଙ୍କ ବିପକ୍ଷରେ । ସୁତରାଂ ବନୁ ବକର୍ ସଂପ୍ରଦାୟର ବନୁ ଖୁଜାଆ ସଂପ୍ରଦାୟ ସହିତ ଅତି ପୁରୁଣା ଶତ୍ରୁତା ତଥା ପୁରୁଣା ମତଭେଦ ରହିଥିଲା । ସୁଲାହ୍ ହୁଦୈବିୟାକୁ କିଛି କାଳ ଅତିବାହିତ ହେବା ପରେ ସେମାନେ ମକ୍କାବାସୀଙ୍କ ସହିତ ପରାମର୍ଶ କଲେ ଯେ, ଖୁଜାଆ ସଂପ୍ରଦାୟ ତ' ଚୁକ୍ତି ଯୋଗୁଁ ସଂପୂର୍ଣ୍ଣ ରୂପେ ନିଶ୍ଚିନ୍ତ ଅଟନ୍ତି । ବର୍ତ୍ତମାନ ସୁଯୋଗ ରହିଛି ଯେ, ଆମେମାନେ ସେମାନଙ୍କ ଠାରୁ ନିଜର ବଦଲା (ପ୍ରତିଶୋଧ) ନେଇପାରିବୁ । ଅତଏବ୍ ମକ୍କାର କୁରୈଶ୍‌ମାନେ ଓ ବନୁ ବକର୍ ସଂପ୍ରଦାୟ ସହିତ ମିଶି ରାତ୍ର ସମୟରେ ବନି ଖୁଜାଆ ସଂପ୍ରଦାୟ ଉପରେ ଚଢଉ କରିଦେଲେ ଏବଂ ସେମାନଙ୍କର ଅନେକ ଲୋକମାନଙ୍କୁ ମାରିଦେଲେ । ଖୁଜାଅ ସଂପ୍ରଦାୟକୁ ଯେତେବେଳେ ଏକଥା ଜ୍ଞାତ ହେଲା ଯେ, କୁରୈଶ୍‌ମାନେ ବନୁ ବକର୍ ସଂପ୍ରଦାୟ ସହିତ ମିଶି ଏହି ଆକ୍ରମଣ କରିଛନ୍ତି ସେତେବେଳେ ସେମାନେ ଉକ୍ତ ଚୁକ୍ତିଭଙ୍ଗ ସଂପର୍କରେ ସୂଚନା ପ୍ରଦାନ କରିବା ନିମନ୍ତେ 40ଜଣ ଲୋକ ଦ୍ରୁତଗାମୀ ଓଟ ଉପରେ ଆରୋହଣ କରାଇ ତୁରନ୍ତ ମଦିନା ପ୍ରେରଣ କଲେ । ସେମାନେ ଅର୍ଥାତ୍ ଖୁଜାଆ ସଂପ୍ରଦାୟର ଲୋକମାନେ ଆଁହଜରତ ସ.ଅଙ୍କ ନିକଟରେ ଏହି ଦାବି କଲେ ଯେ, ପାରସ୍ପାରିକ ଚୁକ୍ତି ଅନୁଯାୟୀ ବର୍ତ୍ତମାନ ଆପଣ ସ.ଅଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ଆଁପଣ ସ.ଅ ଖୁଜାଆ ସଂପ୍ରଦାୟର ଯେଉଁ ଲୋକମାନେ ପ୍ରାଣ ହରାଇଛନ୍ତି ତାହାର ପ୍ରତିଶୋଧ ନିଅନ୍ତୁ ଓ ମକ୍କା ଉପରେ ଚଢଉ କରନ୍ତୁ । ଯେତେବେଳେ ଉକ୍ତ ଯାତ୍ରୀଦଳ ରସୁଲୁଲ୍ଲାଃ ସ.ଅଙ୍କ ପାଖରେ ପହଞ୍ଚିଲା ସେତେବେଳେ ଆପଣ ସ.ଅ କହିଲେ, ହେ ଖୁଜାଆ ସଂପ୍ରଦାୟ ! ତୁମମାନଙ୍କର ଦୁଃଖ ମୋର ଦୁଃଖ ଅଟେ । ମୁଁ ନିଜର ଚୁକ୍ତିର ବଳବତ୍ତର ରହିଛି ଏବଂ ଏ ଯେଉଁ ବାଦଲ୍ ତୁମ ସମ୍ମୁଖରେ ବରଷୁ ଅଛି ଏବଂ ଯେଭଳି ଏହି ବାଦଲ୍ ମଧ୍ୟରୁ ବୃଷ୍ଟିପାତ ହେଉଅଛି ଠିକ୍ ସେହିପରି ଖୁବଶୀଘ୍ର ତୁମମାନଙ୍କ ସାହାଯ୍ୟ ନିମନ୍ତେ ଇସଲାମୀୟ ସୈନ୍ୟବାହିନୀ ପହଞ୍ଚିଯିବେ ।" **(ଦିବାଚା ତଫ୍‌ସିରୁଲ୍ କୁରଆନ୍ ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-336-337)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାନୁଯାୟୀ ହ. ଜମ୍ରାହ୍ ର.ଅଙ୍କୁ ଆଁହଜରତ ସ.ଅ କୁରୈଶ୍‌ମାନଙ୍କ ଆଡ଼କୁ ପ୍ରେରଣ କଲେ ଏବଂ କହିଲେ ସେମାନଙ୍କୁ ତିନୋଟି ପ୍ରସଙ୍ଗ ମଧ୍ୟରୁ ଗୋଟିଏ ପ୍ରସଙ୍ଗ ଅବଲମ୍ବନ କରିବା ନିମନ୍ତେ କୁହ। ଅର୍ଥାତ୍ କୁରୈଶ୍‌ମାନେ ଖୁଜାଆ ସଂପ୍ରଦାୟର ନିହତ ହୋଇଥିବା ବ୍ୟକ୍ତିମାନଙ୍କର ଦିୟତ୍ (କ୍ଷତିପୂରଣ) ଦିଅନ୍ତୁ ନତୁବା ବନୁ ନୁଫାସ୍ ସହିତ ସଂପର୍କ ଛିନ୍ନ କରିବାର ସ୍ୱୀକାରୋକ୍ତି ପ୍ରକାଶ କରନ୍ତୁ ଅବା ହୁଦୈବିୟାହ୍ ଚୁକ୍ତିକୁ ସମାପ୍ତ କରନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲ,ହ. ଜମ୍ରାହ ର.ଅ ରସୁଲୁଲ୍ଲାଃ ସ.ଅଙ୍କ ସନ୍ଦେଶବାହକ ରୂପେ ସେମାନଙ୍କ ପାଖକୁ ଗଲେ । ମସ୍‌ଜିଦେ ହରାମ୍‌ର କବାଟ ପାଖରେ ଓଟ ବସାଇଲେ ଏବଂ ନଜେ ଭିତରକୁ ଚାଲିଗଲେ । କୁରୈଶ୍‌ମାନେ ନିଜ ନିଜ ସ୍ଥାନରେ ଥିଲେ । ହ. ଜମ୍ରାହ ର.ଅ ସେମାନଙ୍କୁ କହିଲେ, ହେ କୁରୈଶ୍‌ମାନେ ! ମୁଁ ଆଁହଜରତ ସ.ଅଙ୍କ ସନ୍ଦେଶବାହକ ଅଟେ । କର୍‌ଜା ବିନ୍ ଅବ୍‌ଦେ ଅମ୍ର କହିଲା, ହେ କୁରୈଶ୍‌ମାନେ! ଯଦି ଆମେମାନେ ବନୁ ଖୁଜାଆ ସଂପ୍ରଦାୟର ମୃତାହତ ବ୍ୟକ୍ତିମାନଙ୍କର ଦିୟତ (କ୍ଷତିପୂରଣ) ଦେଇ ଦେଉ ତେବେ ଆମମାନଙ୍କ ନିକଟରେ ନା ଖାଇବାକୁ ଶସ୍ୟ ରହିବ ଓ ନା ହିଁ ଆମେମାନଙ୍କ ପାଖରେ ଗୃହ ପାଳିତ ପଶୁମାନେ ରହିବେ । କାରଣ ଏତେ ସଂଖ୍ୟକ ଲୋକମାନଙ୍କର ଦିୟତ ପୈଠ କରିବା ଏକ ବିପୁଳ ଅର୍ଥରାଶିକୁ ଆବଶ୍ୟକ କରିଥାଏ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେଉଁଠି ବନୁ ନୁଫାସା ସହିତ ସଂପର୍କ ଛିନ୍ନର ପ୍ରସଙ୍ଗ ରହିଛି ସେଥି ସଂକ୍ରାନ୍ତରେ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଆରବର ଏପରି କୌଣସି ସଂପ୍ରଦାୟ ନାହିଁ ଯିଏ ଏମାନଙ୍କ ପରି ବୈତୁଲ୍ଲାଃ (ଖାନା କାଆବା) ପ୍ରତି ସମ୍ମାନ ପ୍ରଦର୍ଶନ କରୁଥିବ । ଏମାନେ ଆମର ମିତ୍ର ଅଟନ୍ତି । ଆମେମାନେ ଏମାନଙ୍କର ମିତ୍ରତାରୁ ନିଃସ୍ପୃହ ଓ ସଂପର୍କ ଛିନ୍ନ କରିବାର ଘୋଷଣା କରିପାରିବୁ ନାହିଁ। ଯେପର୍ଯ୍ୟନ୍ତ ଆମମାନଙ୍କ ନିକଟରେ ବଞ୍ଚିବା ନିମନ୍ତେ ସମ୍ବଳ ରହିଛି ସେପର୍ଯ୍ୟନ୍ତ ଆମେମାନେ ଏମାନଙ୍କ ଠାରୁ ପୃଥକ୍ ହେବୁ ନାହିଁ । କିନ୍ତୁ ହଁ ଆମେମାନେ ମୁହମ୍ମଦ୍ ସ.ଅଙ୍କ ସହିତ ଯୁଦ୍ଧ କରିବୁ । ସେ କହିଦେଲା ଯେ, ଆମେମାନେ ଯୁଦ୍ଧ କରିବୁ, ତେଣୁ ଆମେମାନେ ଚୁକ୍ତିକୁ ହିଁ ସମାପ୍ତ କରିଦେଉଛୁ ଅର୍ଥାତ୍ ହୁଦୈବିୟାହ୍‌ର ଚୁକ୍ତିକୁ ସମାପ୍ତ କରି ଦେଉଛୁ । ହ. ଜମ୍ରାହ ର.ଅ ହୁଜୁର ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କୁରୈଶ୍‌ମାନଙ୍କର ବାର୍ତ୍ତାଳାପ ସଂପର୍କରେ ଆଁହଜରତ ସ.ଅଙ୍କୁ ଅବଗତ କଲେ । ସେ ଯାହା ହେଉ ପରବର୍ତ୍ତୀ ସମୟରେ କୁରୈଶ୍‌ମାନେ ନିଜର କୃତ୍ୟ ଯୋଗୁଁ ଅନୁଶୋଚନା (ପଛତେଇଲେ) କଲେ ଏବଂ ସେମାନେ ଅବୁ ସୁଫିୟାନ୍‌କୁ ରସୁଲୁଲ୍ଲାଃ ସ.ଅଙ୍କ ଆଡ଼କୁ ପ୍ରେରଣ କଲେ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଵାଦ୍, ଭାଗ-5, ପୃ-204-205, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତରୁ ଆନୀତ) (ଫତହ୍ ମକ୍କା, ଲେଖକ-ବାଶ୍‌ମିଲ୍, ପୃ-111, ନଫିସ୍ ଏକାଡ଼େମୀ, କରାଚୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅବୁ ସୁଫିୟାନ୍‌ର ଆଗମନ ସଂପର୍କରେ ମଧ୍ୟ ଅଲ୍ଲାଃତାଲା ଆଁହଜରତ ସ.ଅଙ୍କୁ ପୂର୍ବେ ସୂଚନା ପ୍ରଦାନ କିର ଦେଇଥିଲେ ଯେ, ହେ ମୁହମ୍ମଦ୍ ସ.ଅ ଅବୁ ସୁଫିୟାନ୍ ଆସୁଛି । ତେଣୁ ଆଁହଜରତ ସ.ଅ ଏହି ଭବିଷ୍ୟବାଣୀ ସଂପର୍କରେ ଲୋକମାନଙ୍କୁ ସୂଚନା ପ୍ରଦାନ କରିଦେଇଥିଲେ ।

ସୁତରାଂ ଅବୁ ସୁଫିୟାନ ସୁଲାହ୍ (ସନ୍ଧି) ସଂସ୍କାର ନିମନ୍ତେ ଆସିଲା । ଏହାର ବବରଣୀ ସଂପର୍କରେ ଉଲ୍ଲେଖ ରହିଛି ଯେ, ଆଁହଜରତ ସ.ଅ ଅବୁ ସୁଫିୟାନ୍‌ର ମଦିନା ଆଗମନ ପୂର୍ବରୁ ପ୍ରଥମେ ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ଅବୁ ସୁଫିୟାନ୍ ତୁମମାନଙ୍କ ନିକଟକୁ ଆସୁଅଛି । ସେ କହୁଅଛି ଯେ, ତୁମେମାନେ ଚୁକ୍ତିକୁ ପୁନଃ ସଂସ୍କାର କରିଦିଅ ଏବଂ ସନ୍ଧିର ଅବଧିକୁ ବୃଦ୍ଧି କରିଦିଅ । କିନ୍ତୁ ସେ ଅସନ୍ତୋଷ ହୋଇ ଫେରିଯିବ । ତା'ର (ଅବୁ ସୁଫିୟାନ୍‌ର) କୌଣସି କଥାକୁ ଗ୍ରହଣ କରାଯିବ ନାହିଁ ।

ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହାରିସ୍ ବିନ୍ ହିଶ୍ଶାମ୍ ଏବଂ ଅବ୍‌ଦୁଲ୍ଲାଃ ବିନ୍ ଅବି ରବିୟାହ୍ ଅବୁ ସୁଫିୟାନ୍ ନିକଟକୁ ଗଲେ ଏବଂ ସେମାନେ କହିଲେ, ହେ ଅବୁ ସୁଫିୟାନ୍ ଏହି ପ୍ରସଙ୍ଗରେ ସନ୍ଧି କରିବା ଅତ୍ୟନ୍ତ କଷ୍ଟକର ଅଟେ । ଯଦି ଉକ୍ତ ସମସ୍ୟାଟି ସମାଧାନ ନହେଲା ତେବେ ମୁହମ୍ମଦ୍ ସ.ଅ ନିଜର ସାହାବାମାନଙ୍କ ସହିତ ତୁମମାନଙ୍କ ଉପରେ ଆକ୍ରମଣ କରିବେ । ସୁତରାଂ ଅବୁ ସୁଫିୟାନ୍ ଓ ତା'ର ଦାସ ଦୁଇ ଓଟ ଉପରେ ଆରୋହଣ ହୋଇ ବାହାରି ପଡ଼ିଲେ । ଅବୁ ସୁଫିୟାନ୍ ଶୀଘ୍ର ଶୀଘ୍ର ବାହାରିଲା ଏବଂ ସେ ମଦିନାରେ ଆସି ପହଞ୍ଚିଗଲା । ଅବୁ ସୁଫିୟାନ୍ ସର୍ବ ପ୍ରଥମେ ନିଜର କନ୍ୟା ଉମ୍ମେ ହବିବା ର.ଅଙ୍କ ନିକଟକୁ ଆସିଲେ । ଉମ୍ମେ ହବିବା ଆଁହଜରତ ସ.ଅଙ୍କ ପବିତ୍ର ପତ୍ନି ଥିଲେ । ଅବୁ ସୁଫିୟାନ୍ ଏହି ଇଚ୍ଛା ପ୍ରକାଶ କଲା ଯେ, ସେ ରସୁଲୁଲ୍ଲାଃ ସ.ଅଙ୍କ ଶେଯ ଉପରେ ବସୁ । କିନ୍ତୁ ଉମ୍ମେ ହବିବା ଆଁହଜରତ ସ.ଅଙ୍କ ଶେଯକୁ ଗୁଡ଼ାଇ ଦେଲେ । ଅବୁ ସୁଫିୟାନ୍ କହିଲା, ହେ ମୋର କନ୍ୟା ! କ'ଣ ଏହି ଶେଯ ମୋ ନିମନ୍ତେ ଯୋଗ୍ୟ ନୁହେଁ ? ହ. ଉମ୍ମେ ହବିବା ର.ଅ କହିଲେ, ପିତାଶ୍ରୀ! ଏହି ଶେଯ ହେଉଛି ଅଲ୍ଲାଃତାଲାଙ୍କ ବାର୍ତ୍ତାବହଙ୍କ ଶେଯ, ଆଉ ଆପଣ ହେଉଛନ୍ତି ଜଣେ ଅବିଶ୍ୱାସକାରୀ ଓ ଅପବିତ୍ର ବ୍ୟକ୍ତି । ମୁଁ ଏହା ପସନ୍ଦ କରୁ ନାହିଁ ଯେ, ଆପଣ ମୋ ସ୍ୱାମୀ ଅର୍ଥାତ୍ ରସୁଲୁଲ୍ଲାଃ ସ.ଅଙ୍କ ଶେଯ ଉପରେ ବସିବେ । ଅବୁ ସୁଫିୟାନ୍ କହିଲା, ହେ ମୋର ପୁତ୍ରୀ ! ମୋ ପରେ ତୁମକୁ ପାପ ଓ ଉପଦ୍ରବ ଧରି ପକାଇଛି । ଉମ୍ମେ ହବିବା ର.ଅ କହିଲେ, ନା ନା । ବରଂ ଅଲ୍ଲାଃତାଲା ମୋତେ ଇସ୍‌ଲାମ୍ ଧର୍ମ ଆଡ଼କୁ ମାର୍ଗଦର୍ଶ ପ୍ରଦାନ କରିଛନ୍ତି । ହେ ମୋର ପିତା ! ଆପଣ କୁରୈଶ୍‌ମାନଙ୍କର ଅଧିପତି ଓ ଧନାଢ୍ୟ ବ୍ୟକ୍ତି ଅଟନ୍ତି । ଆପଣଙ୍କ ଦ୍ୱାରା ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାରେ ଏତେ ବିଳମ୍ବ କିପରି ହେଲା ? ଅର୍ଥାତ୍ ଉମ୍ମେ ହବିବା ନିଜର ପିତା ଅବୁ ସୁଫିୟାନ୍‌କୁ ତବ୍‌ଲିଗ୍ (ଧର୍ମପ୍ରଚାର) କଲେ । ପିତାଶ୍ରୀ ! ଆପଣ ପ୍ରତିମା ବା ପିତୁଳା ପୂଜା କରୁଛନ୍ତି । ଏହି ପିତୁଳାମାନେ ନା ଆପଣଙ୍କର ପ୍ରାର୍ଥନା ଓ ଡାକ ଶୁଣୁଛନ୍ତି ଓ ନା ହିଁ ଏମାନେ କିଛି ଦେଖି ପାରନ୍ତି । ଅବୁ ସୁଫିୟାନ୍ ସେଠାରୁ ଉଠିଲା ଏବଂ ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ଚାଲିଗଲା । ଆପଣ ସ.ଅ ସେତେବେଳେ ମସ୍‌ଜିଦ୍‌ରେ ଥିଲେ । ସେ କହିଲା, ହେ ମୁହମ୍ମଦ (ସ.ଅ) ! ମୁଁ ସୁଲାହ୍ ହୁଦୈବିୟାହ୍ ସମୟରେ ଉପସ୍ଥିତ ନଥିଲି। ଆପଣ ସ.ଅ ଉକ୍ତ ଚୁକ୍ତିକୁ ପୁନଃ ସଂସ୍କାର କରି ଦିଅନ୍ତୁ ଏବଂ ଆମମାନଙ୍କ ନିମନ୍ତେ ଚୁକ୍ତିର ଅବଧିକୁ ବୃଦ୍ଧି କରି ଦିଅନ୍ତୁ । ଆପଣ ସ.ଅ କହିଲେ, ହେ ଅବୁ ସୁଫିୟାନ୍! ତୁମେ କ'ଣ ଏହି କାର୍ଯ୍ୟ ସକାଶେ ଏଠାକୁ ଆସିଛ ? ସେ କହିଲା, ହଁ । ଆପଣ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ସ.ଅ କହିଲେ, ହେ ଅବୁ ସୁଫିୟାନ୍ ! କ'ଣ ତୁମ ପକ୍ଷରୁ କୌଣସି ତ୍ରୁଟି କିମ୍ବା ତୁମ ଆଡୁ କିଛି ଚୁକ୍ତି ଭଙ୍ଗ ହୋଇଛି କି ? ଅବୁ ସୁଫିୟାନ୍ କହିଲା, ମୁଁ ଈଶ୍ୱରଙ୍କ ଶରଣ ଭିକ୍ଷା କୁରଛି, ଆମେମାନେ ସୁଲାହ୍ ହୁଦୈବିୟାହ୍‌ର ଚୁକ୍ତି ଉପରେ କାଏମ୍ ଅଛୁ । ଆମେମାନେ ଚୁକ୍ତିରେ କୌଣସି ପରିବର୍ତ୍ତନ କରି ନାହୁଁ । ଆପଣ ସ.ଅ କହିଲେ, ହେ ଅବୁ ସୁଫିୟାନ୍ ! ଆମେମାନେ ମଧ୍ୟ ଚୁକ୍ତି ଉପରେ କାଏମ୍ ଅଛୁ । ଆମେମାନେ ଚୁକ୍ତିରେ କୌଣସି ପରିବର୍ତ୍ତନ କରି ନାହୁଁ । ହିଁ ଏକଥା ଠିକ୍ ଯେ, ତୁମ ସହିତ ଆମମାନଙ୍କର ଚୁକ୍ତି ହୋଇଥିଲା । କିନ୍ତୁ ଆମେମାନେ ମଧ୍ୟ କୌଣସି ପରିବର୍ତ୍ତନ କରି ନାହୁଁ । ଅବୁ ସୁଫିୟାନ୍ ଉକ୍ତ କଥାକୁ ପୁନରାବୃତ୍ତି କରି ଚାଲିଲା । କିନ୍ତୁ ଆପଣ ସ.ଅ କୌଣସି ଉତ୍ତର ଦେଲେ ନାହିଁ । ସେ ହ. ଅବୁ ବକ୍କର ର.ଅଙ୍କ ପାଖକୁ ଗଲା ଏବଂ ତାଙ୍କୁ ଯାଇ କହିଲା, ହେ ଅବୁ ବକ୍କର ! ତୁମେ ଯାଇ ଆଁହଜରତ ସ.ଅଙ୍କ ସହିତ କଥା ହୁଅ ଏବଂ ନିଜ ତରଫରୁ ଲୋକମାନଙ୍କ ମଧ୍ୟରେ ମୋର ଶରାଣାପନ୍ନ ହେବା ନିମନ୍ତେ ଘୋଷଣା କରାଇଦିଅ । ହ. ଅବୁ ବକ୍କର ର.ଅ କହିଲେ, ହେ ଅବୁ ସୁଫିୟାନ୍ ମୋର ଆଶ୍ରୟ ନବୀ କରୀମ୍ ସ.ଅଙ୍କ ଆଶ୍ରୟ ତଳେ ରହିଛି । ଅବୁ ସୁଫିୟାନ୍ ପୁନଶ୍ଚ ହ. ଉମର୍ ର.ଅଙ୍କ ପାଖକୁ ଗଲା ଏବଂ ସେହିପରି କଥାବାର୍ତ୍ତା କରିବାକୁ ଲାଗିଲା ଯେପରି ସେ ହ. ଅବୁ ବକ୍କର ର.ଅଙ୍କ ସହିତ କଥାବାର୍ତ୍ତା ହୋଇଥିଲା । ପୁନଶ୍ଚ ଅବୁ ସୁଫିୟାନ୍ ହ. ଉସ୍‌ମାନ୍ ର.ଅ.ଙ୍କ ନିକଟକୁ ଗଲା, ତାଙ୍କୁ କହିଲା, ହେ ଉସ୍‌ମାନ୍ ! ଲୋକମାନଙ୍କ ମଧ୍ୟରେ ତୁମ ଅପେକ୍ଷା ଆଉ କେହି ବି ଅଧିକ ପ୍ରେମ ଓ ସଦୟଭାବ ପ୍ରଦର୍ଶନକାରୀ ବ୍ୟକ୍ତି ଆଉ ଏ ସଂସାରରେ ନାହିଁ । ହେ ଉସ୍‌ମାନ୍ ତୁମେ ଟିକିଏ ଚେଷ୍ଟା କର ଓ ସନ୍ଧିର ଅବଧିକୁ ଟିକେ ବୃଦ୍ଧି କରିଦିଅ ଏବଂ ଚୁକ୍ତିର ପୁନଃ ସଂସ୍କାର କରିଦିଅ । ତୁମର ସାଥି (ବନ୍ଧୁ) ତୁମ କଥାକୁ ପ୍ରତ୍ୟାଖ୍ୟାନ କରିବ ନାହିଁ । ହ. ଉସ୍‌ମାନ୍ ର.ଅ କହିଲେ, ହେ ଅବୁ ସୁଫିୟାନ୍ ! ମୋର ଆଶ୍ରୟ ନବୀ କରୀମ୍ ସ.ଅଙ୍କ ଆଶ୍ରୟ ତଳେ ରହିଛି। ଯେତେବେଳେ ଅବୁ ସୁଫିୟାନ୍ ସେଠାରୁ ଅକୃତକାର୍ଯ୍ୟ ହେଲା ସେତେବେଳେ ସେ ହ. ଅଲୀ ର.ଅ ମୁହାଁ ହେଲା । ହ. ଅଲୀ ର.ଅଙ୍କ ପାଖକୁ ଗଲା ଏବଂ କହିଲା,, ହେ ଅଲୀ ! ସଂପର୍କୀୟଙ୍କ ମଧ୍ୟରେ ତୁମେ ହେଉଛ ମୋର ଅତି ନିକଟବର୍ତ୍ତୀ ସଂପର୍କୀୟ। ମୁଁ ଗୋଟିଏ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ସକାଶେ ଏଠାକୁ ଆସିଛି । କିନ୍ତୁ ମୁଁ ଏହା ଚାହୁଁ ନାହିଁ ଯେ, ମୁଁ ଏଠାରୁ ନିରାଶ୍ରୟ ଓ ଶୂନ୍ୟହସ୍ତ ହୋଇ ଫେରିବି । ତେଣୁ ତୁମେ ଟିକେ ମୁହମ୍ମଦ ସ.ଅଙ୍କ ସମ୍ମୁଖରେ ମୋର ସୁପାରିଶ୍ କରିଦିଅ । ହ. ଅଲୀ ର.ଅ କହିଲେ, ହେ ଅବୁ ସୁଫିୟାନ୍ ତୁମର ସର୍ବନାଶ ହେଉ । ଯେତେବେଳେ ହୁଜୁର ସ.ଅ କୌଣସି କଥା କରିବା ନିମନ୍ତେ ମନସ୍ଥ କରି ନଅନ୍ତି ସେତେବେଳେ ଆମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ମଧ୍ୟରେ ଏହି ସାମର୍ଥ୍ୟ ନାହିଁ ଯେ, ଆମେମାନେ ସେହି ପ୍ରସଙ୍ଗ ଉପରେ ବାର୍ତ୍ତାଳାପ କରିବୁ । ତେଣୁ ଆମମାନଙ୍କ ନିକଟରେ କୌଣସି ସାମର୍ଥ୍ୟ ଓ କ୍ଷମତା ନାହିଁ । ଅବୁ ସୁଫିୟାନ୍ ହ. ଅଲୀ ର.ଅଙ୍କୁ କହିଲା, ହେ ଅଲୀ ! ପରିସ୍ଥିତି ଏବଂ ପ୍ରସଙ୍ଗ ମୋ ନିମନ୍ତେ ଅତ୍ୟନ୍ତ ଜଟିଳ ଓ ସଙ୍ଗୀନ୍ ହୋଇଯାଇଛି । ତେଣୁ ତୁମେ ମୋତେ କିଛି ପରାମର୍ଶ ଦିଅ ଟିକେ । ହ. ଅଲୀ ର.ଅ କହିଲେ, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ମୋ ସଜ୍ଞାନରେ ଏପରି କୌଣସି କଥା ନାହିଁ ଯାହା ତୁମକୁ ଲାଭ ପ୍ରଦାନ କରିପାରିବ । କିନ୍ତୁ ତୁମେ ବନୁ କିନାନା ସଂପ୍ରଦାୟର ଅଧିପତି ଅଟ । ଉଠ ଏବଂ ଲୋକମାନଙ୍କ ମଧ୍ୟରେ ଆଶ୍ରୟ ବା ଶରାଣାପନ୍ନ ହେବାର ଘୋଷଣା କରିଦିଅ। ପୁନଶ୍ଚ ଏତଦ୍‌ପରେ ତୁମେ ନିଜ ସହରକୁ ଫେରିଯାଅ । ଅବୁ ସୁଫିୟାନ୍ ମସ୍‌ଜିଦ୍ ନବ୍‌ୱୀ ଗଲା ଏବଂ କହିଲା, ହେ ଲୋକମାନେ! ମୁଁ ସର୍ବସାଧାରଣରେ ଶାନ୍ତି ଘୋଷଣା କରିଦେଇ ଅଛି । ମୋର ଏହି ବିଶ୍ୱାସା ତଥା ଧାରଣା ରହିଛି ତୁମେମାନେ ମୋର ଏହି ଚୁକ୍ତିକୁ ଭଙ୍ଗ କରିବ ନାହିଁ । ଅବୁ ସୁଫିୟାନ୍ ରସୁଲୁଲ୍ଲାଃ ସ.ଅଙ୍କ ପାଖକୁ ଆସିଲା ଏବଂ କହିଲା, ହେ ମୁହମ୍ମଦ୍ ସ.ଅ ! ମୁଁ ଲୋକମାନଙ୍କ ମଧ୍ୟରେ ଶାନ୍ତିର ଘୋଷଣା କରିଦେଇଛି । ଆଁହଜରତ ସ.ଅ କହିଲେ, ହେ ଅବୁ ହନ୍‌ଜଲା ! ଏକଥା କେବଳ ତୁମେ ହିଁ କହୁଛ । ଅର୍ଥାତ୍ ଆମେମାନେ ଏ ବାବଦରେ କିଛି କହି ନାହୁଁ । ଏହା ତୁମର ଏକପାକ୍ଷିକ ଘୋଷଣା ଅଟେ । ପୁନଶ୍ଚ ସେ ନିଜର ଓଟ ଉପରେ ଆରୋହଣ ହୋଇ ଫେରିଗଲା । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଯାଦ୍, ଭାଗ-5, ପୃ-205-207, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନୱର୍ ଅ.ବ କହିଲେ, ଏକ ବର୍ଣ୍ଣନାନୁଯାୟୀ ଅବୁ ସୁଫିୟାନ୍ ହ. ଫାକିମା ର.ଅଙ୍କ ସହିତ ମଧ୍ୟ କଥାବାର୍ତ୍ତା ହୋଇଥିଲା । କାରଣ ହ. ଫାତିମା ର.ଅ ମଧ୍ୟ କାଳେ ସୁପାରିଶ କରିଦେବେ । କିନ୍ତୁ ସେ ମଧ୍ୟ କ୍ଷମା ମାଗିନେଲେ । **(ଆଁହଜରତ ସ.ଅଙ୍କ ମନୋନୀତ ଜୀବନୀ, ଲେଖକ-ପ୍ରଫେସର ଡାକ୍ତର ଅବଦ୍ଦୁଲ୍ ଅଜିଜ୍ ବିନ୍ ଇବ୍ରାହିମ୍ ଅଲ ଉମ୍ରୀ, ପୃ-392, ଦାରୁସ୍ ସଲାମ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହିପରି ଭାବରେ ଅବୁ ସୁଫିୟାନ୍ କୌଣସି ପ୍ରକାରର ନୂତନ ଚୁକ୍ତି ଓ ଅଙ୍ଗୀକାର କିମ୍ବା ରାଏ ସଂକ୍ରାନ୍ତରେ ସତଚେଷ୍ଟା କରିଲା । କିନ୍ତୁ ସେ ଅକୃତକାର୍ଯ୍ୟ ହୋଇ ଫେରି ଆସିଲା । ଯେତେବେଳେ ଅବୁ ସୁଫିୟାନ୍ ନିଜ ଜାତି ଆଡ଼କୁ ଫେରି ଆସିଲା ଏବଂ ସମସ୍ତ କଥା ସେମାନଙ୍କୁ କହିଲା ସେତେବେଳେ ସେମାନେ ମଧ୍ୟ ଅବୁ ସୁଫିୟାନ ନିନ୍ଦା ଓ ଅପବାଦ ଦେଲେ ଏବଂ ଲୋକମାନେ ଅବୁ ସୁଫିୟାନ୍‌କୁ କହିଲେ, ହେ ଅବୁ ସୁଫିୟାନ୍ ତୁମ କୌଣସି ଶୁଭ ଖବର ନେଇ ଆସି ନାହଁ । **(ଖାତମୁନ୍ ନବୀୟିନ୍ ସ.ଅ, ଭାଗ-3 , ପୃ-1190, ଲେଖକ-ଜୁହ୍‌ରାହ୍, ଦୁରତ୍ ତୁରାସ୍, ବୈରୁତ୍)**

ଉକ୍ତ ଘଟଣାକୁ ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ଐତିହାସିକ ଦୃଷ୍ଟିରୁ ବର୍ଣ୍ଣନା କରିଛନ୍ତି । ଆପଣ ର.ଅ ଏହିପରି ଉଲ୍ଲେଖ କରନ୍ତି ଯେ, ମକ୍କାବାସୀମାନେ ଅବୁ ସୁଫିୟାନ୍‌କୁ ମଦିନା ପଠାଇଲେ । କାରଣ ସେ କୌଣସି ମତେ ମୁସଲମାନମାନଙ୍କୁ ଆକ୍ରମଣରୁ ନିବୃତ୍ତ ରଖୁ । ଅବୁ ସୁଫିୟାନ୍ ମଦିନା ଠାରେ ପହଞ୍ଚି ରସୁଲୁଲ୍ଲାଃ ସ.ଅଙ୍କ ଉପରେ ଚାପ ପକାଇବା ଆରମ୍ଭ କଲା । କାରଣ ଯେହେତୁ ସୁଲାହ୍ ହୁଦୈବିୟାହ୍ ସମୟରେ ସେ ଉପସ୍ଥିତ ନଥିଲା ତେଣୁ ସେ କହିଲା, ନୂତନ ରୂପେ ଏକ ସନ୍ଧି ପତ୍ର ପ୍ରସ୍ତୁତ କରାଯାଉ । କିନ୍ତୁ ରସୁଲୁଲ୍ଲାଃ ସ.ଅ ତା' କଥାର କୌଣସି ଉତ୍ତର ଦେଲେ ନାହିଁ । କାରଣ ଯଦି ଆଁହଜରତ ସ.ଅ ଉତ୍ତର ଦେଇ ଥାଆନ୍ତେ ତେବେ ରହସ୍ୟ ଉନ୍ମୋଚିତ ହୋଇଯାଇ ଥାଆନ୍ତା । ଅବୁ ସୁଫିୟାନ ନିରାଶ ଅବସ୍ଥାରେ ଘାବରେଇ ମସ୍‌ଜିଦ୍‌ରେ ଘୋଷଣା କରିଦେଲା ଯେ, ହେ ଲୋକମାନେ ! ମୁଁ ମକ୍କାବାସୀଙ୍କ ପକ୍ଷରୁ ଆପଣମାନଙ୍କ ସହିତ ଶାନ୍ତିର ଘୋଷଣା କରୁଛି । ଉକ୍ତ କଥା ଶୁଣି ମୁସଲମାନମାନେ ଅବୁ ସୁଫିୟାନ୍‌ର ମୂର୍ଖତା ଉପରେ ହସିଲେ ଓ ରସୁଲୁଲ୍ଲାଃ ସ.ଅ କହିଲେ, ହେ ଅବୁ ସୁଫିୟାନ ! ତୁମେ ଏକଥା ଏକପାକ୍ଷିକ ରୂପେ କହୁଅଛ । ଆମେମାନେ ଏପରି କୌଣସି ବି ଚୁକ୍ତି ତୁମ ସହିତ କରି ନାହୁଁ ।

**(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍ ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-337)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆମ ରିସର୍ଚ୍ଚ ସେଲ୍‌ବାଲା ମଧ୍ୟ ଏଥି ସଂକ୍ରାନ୍ତରେ ନୋଟ୍ ଲେଖିଛନ୍ତି ଯେ, ଅବୁ ସୁଫିୟାନ୍‌ର କହିବା କଥା ଏହା ଥିଲା କି ଯେହେତୁ ସେ ସୁଲାହ୍ ହୁଦୈବିୟାହ୍ ସମୟରେ ଉପସ୍ଥିତ ନଥିଲା ସେଇଥି ପାଇଁ ସେ ଉକ୍ତ ଚୁକ୍ତିନାମାର ଅବଧିକୁ ବୃଦ୍ଧି କରିବାକୁ ଚାହୁଁଛି । ଏହି ରିସର୍ଚ୍ଚ ସେଲ୍‌ବାଲାଙ୍କ ନିକଟରେ ଏକଥା ବିଚାର ଯୋଗ୍ୟ ଅଟେ କିମ୍ବା ଅନ୍ୟ କେତେକ ଲୋକମାନେ ଉଲ୍ଲେଖ ମଧ୍ୟ କରିଥାଇ ପାରନ୍ତି । ତେଣୁ ସେମାନେ ଉକ୍ତ ବିନ୍ଦୁକୁ ଉତ୍ଥାପିତ କରିନେଇଛନ୍ତି । ସାଧାରଣ କଥା ବୁଝୁଥିବା ବ୍ୟକ୍ତି ନିମନ୍ତେ ଏହା ଜରୁରୀ ନୁହଁ । କିନ୍ତୁ ଯେଉଁ ଲୋକମାନେ ଐତିହାସିକ ପ୍ରସଙ୍ଗରେ ଗଭୀରକୁ ଯିବାକୁ ଚାହାନ୍ତି ସେମାନେ ସମ୍ଭବତଃ ଉକ୍ତ ପ୍ରଶ୍ନ ଉତ୍ଥାପିତ କରିବେ ଯେ, ଅବୁ ସୁଫିୟାନ୍‌ର ଏହା କହିବା କି ମୁଁ ସୁଲାହ୍ ହୁଦୈବିୟା ସମୟରେ ଉପସ୍ଥିତ ନଥିଲି ଏହା ବିଚାର ଯୋଗ୍ୟ ପ୍ରସଙ୍ଗ ଅଟେ । କାରଣ ଇତିହାସ ଓ ଜୀବନୀର କେତେକ ପୁସ୍ତକମାନଙ୍କରେ ଇତ୍ୟବସରରେ ଅର୍ଥାତ୍ ମଦିନା ଆଗମନ ସମୟରେ ଅବୁ ସୁଫିୟାନ୍‌ର ଏକଥା କହିବା କି ମୁଁ ସୁଲାହ୍ ହୁଦୈବିୟାହ୍ ସମୟରେ ଉପସ୍ଥିତ ନଥିଲି, ତତ୍‌ସଂକ୍ରାନ୍ତରେ ଅନେକ ପୁସ୍ତକ ନିରବ ରହିଛି । ସେହିପରି ଅନେକ ଇତିହାସବିତ୍ ଅବୁ ସୁଫିୟାନ୍‌ର ଉକ୍ତ କଥାର ଚର୍ଚ୍ଚା କରି ନାହାନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତୃତୀୟ କଥା ଏହିକି ଯେ, ସୁଲାହ୍ ହୁଦୈବିୟାହ ସମୟରେ ଅବୁ ସୁଫିୟାନ୍ କ'ଣ ପ୍ରକୃତରେ ଉପସ୍ଥିତ ନଥିଲା । ୱାକିଦିର ପୁସ୍ତକ କିତାବୁଲ୍ ମୁଗାଜି, ସିରତୁଲ୍ ହଲବିୟାହ୍ ଏବଂ ଆଉ କେତେକ ଅନ୍ୟ ପୁସ୍ତକମାନଙ୍କରେ ଏହା ବର୍ଣ୍ଣିତ ହୋଇଛି ଯେ, ଅବୁ ସୁଫିୟାନ୍ ସେହି ସମୟରେ ଉପସ୍ଥିତ ନଥିଲା । କିନ୍ତୁ ଇତିହାସ ଓ ଜୀବନୀ ର ଅନେକ ପୁସ୍ତକମାନଙ୍କରେ ଏହା ବର୍ଣ୍ଣିତ ହୋଇଛି ଯେ, ସୁଲାହ୍ ହୁଦୈବିୟା ଅବସରରେ ଆଁହଜରତ ସ.ଅ ହ. ଉସ୍‌ମାନ୍ ର.ଅଙ୍କୁ ମକ୍କା ପ୍ରେରଣ କରିଥିଲେ । କାରଣ ସେ ଅବୁ ସୁଫିୟାନ୍ ଏବଂ ଅନ୍ୟ କୁରୈଶୀୟ ସର୍ଦ୍ଦାରଙ୍କୁ ଅବଗତ କରନ୍ତୁ କି ଆମେମାନେ ଲଢ଼ିବା ନିମନ୍ତେ ଆସି ନାହୁଁ । ତହିଁରୁ ଏହା ଜ୍ଞାତ ହୁଏ ଯେ, ଅବୁ ସୁଫିୟାନ୍ ସେତେବେଳେ ଉପସ୍ଥିତ ଥିଲା । କିନ୍ତୁ ଉକ୍ତ ପ୍ରସଙ୍ଗ ବିଚାରଯୋଗ୍ୟ ପ୍ରସଙ୍ଗ ଅଟେ ଯେ, ହୁଦୈବିୟାହ ଅବସରରେ ସେ ନବୀ କରୀମ୍ ସ.ଅଙ୍କ ସହିତ ନା କଥାବାର୍ତ୍ତା କରିବା ପାଇଁ ଆସିଲା ଓ ନା ହିଁ କୌଣସି ଚୁକ୍ତି କରିବା ନିମନ୍ତେ ସେ ସ୍ୱୟଂ ଆସିଲା । କିନ୍ତୁ ଅବୁ ସୁଫିୟାନ୍ ସ୍ୱୟଂ କୁରୈଶ୍‌ମାନଙ୍କର ଅଧିପତି ଥିଲା । ସେ ଉକ୍ତ ଚୁକ୍ତି ଉପରେ ତା'ର କୌଣସି ସ୍ୱାକ୍ଷର କିମ୍ବା ସାକ୍ଷ୍ୟ ଉପସ୍ଥିତ ନଥିଲା । ତେଣୁ ସମ୍ଭବତଃ ମଦିନାରେ ସେ ଯେଉଁ କଥା କହିଲା କି ମୁଁ ସୁଲାହ୍ ହୁଦୈବିୟା ସମୟରେ ଉପସ୍ଥିତ ନଥିଲି, ତହିଁରୁ ତା' କହିବାର ଯଥାର୍ଥତା ଏହା ଥିଲା କି ସନ୍ଧିପତ୍ର ଉପରେ ହସ୍ତାକ୍ଷର କରିବା ସମୟରେ ମୁଁ ଉପସ୍ଥିତ ନଥିଲି କିମ୍ବା ପ୍ରକୃତରେ ସେ ସେଠାରେ ଉପସ୍ଥିତ ନଥିଲା । ଏକଥା ସେ ମଦିନା ଆସି କହିଥିବ । ଏହି କଥାକୁ ସେ ପୁନରାବୃତ୍ତି କରିଥାଇ ପାରେ ଯେ, ସନ୍ଧିପତ୍ରରେ ମୋର ଦସ୍ତଖତ (ହସ୍ତାକ୍ଷର) ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଯେପରିକି ମୁଁ କହିଲି କି ଏହା ରିସର୍ଚ୍ଚ ସେଲ୍ ବାଲାଙ୍କର ମତଧାରା ଅଟେ । କିନ୍ତୁ ଏହି ସମସ୍ତ ବିବରଣୀ ଯାହାକୁ ସେମାନେ ବର୍ଣ୍ଣନା କରୁଛନ୍ତି ତାହା ନିଜର ଏହି ଧାରଣାକୁ ମଧ୍ୟ ରଦ୍ଦ କରୁଛନ୍ତି ଯେ, ସେ ଚୁକ୍ତି ସମୟରେ ଉପସ୍ଥିତ ନଥିଲା । କାରଣ ଚୁକ୍ତିନାମା ଉପରେ ତା'ର ଅଧିପତି ହେବା ସତ୍ତ୍ୱେ ମଧ୍ୟ କୌଣସି ସ୍ୱାକ୍ଷର ନାହିଁ । ଏମାନେ (ରିସର୍ଚ୍ଚ ସେଲ ବାଲା) ଏହା ଉଲ୍ଲେଖ କରୁଛନ୍ତି ଯେ, ଅବୁ ସୁଫିୟାନ୍ ଏହାକୁ ହିଁ ଆୟୁଦ୍ଧ କରିଥିବ ଯେ, ସେ ସନ୍ଧିପତ୍ର ସ୍ୱାକ୍ଷର ହେବ ସମୟରେ ଉପସ୍ଥିତ ନଥିଲା । ତେଣୁ ତହିଁରେ କୌଣସି ସଂଶୟଗ୍ରସ୍ତ ହେବାର ଆବଶ୍ୟକତା ନାହିଁ ଯେ, ସେ ମଦିନା ଆସି ଏହା କହିଥିବ ଯେ, ମୁଁ ଚୁକ୍ତିରେ ସାମିଲ୍ ନଥିଲି । ସେ ଏକଥା କହିଥିଲା, ତେଣୁ ସେ ଠିକ୍ କହିଥିଲା । ହିଁ ସାମିଲ୍ ହେବା ଓ ଉପସ୍ଥିତ ହେବାର ଶବ୍ଦ ବର୍ଣ୍ଣନାରେ ବର୍ଣ୍ଣନାକାରୀକୁ ଭ୍ରମ ଲାଗି ଥାଇପାରେ । କିନ୍ତୁ ଘଟଣାବଳୀ ଉକ୍ତ କଥାକୁ ଅଧିକ ସଠିକ୍ ବୋଲି କହିଥାଏ ଯେ, ଅବୁ ସୁଫିୟାନ୍ ନିଜ ଅଂଶର ଚୁକ୍ତି ନହୋଇଥିବାର ଘୋଷଣା କରିଥିଲା । ଏହି କଥା ହିଁ ସମ୍ମୁଖକୁ ଆସିଛି ଓ ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ଉକ୍ତ କଥାକୁ ଉଲ୍ଲେଖ କରିଛନ୍ତି ଯେ, ଅବୁ ସୁଫିୟାନ୍

କହିଲା, କି ମୁଁ ଚୁକ୍ତି ସମୟରେ ଉପସ୍ଥିତ ନଥିଲି । ତେଣୁ ଉକ୍ତ କଥାଟି ସଠିକ୍ ବୋଲି ମନେ ହେଉଛି ଯେ, ସେ ଚୁକ୍ତିରେ ସାମିଲ୍ ନଥିଲା । ଉକ୍ତ କଥାକୁ ଆମେମାନେ ଏହା ହିଁ ମନେକରିବୁ ଯେ, ତହିଁରୁ ଏହା ହିଁ ଯାଥାର୍ଥ ଯେ, ଅବୁ ସୁଫିୟାନ୍ ଉପସ୍ଥିତ ନଥିଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ ସେ ଯାହା ହେଉ ଏହା ତ' ଐତିହାସିକ ସମସ୍ୟା ଥିଲା। ଏହାକୁ ମୁଁ ବର୍ଣ୍ଣନା କରିଦେଇଛି । ତେଣୁ ତହିଁରେ ଆଉ କୌଣସି ସନ୍ଦେହ, ସଂଶୟର ଆବଶ୍ୟକତା ନାହିଁ । ନା ଏପରି କୌଣସି ପ୍ରଶ୍ନ ଉଠିବ ନା ହିଁ କୌଣସି ଆଶଙ୍କା ସୃଷ୍ଟି ହେବ । ତେଣୁ ଉକ୍ତ କଥାଟି ବର୍ତ୍ତମାନ ସ୍ପଷ୍ଟ ।

ହୁଜୁର ଅନୱର୍ ଅ.ବ କହିଲେ, ସେ ଯାହା ହେଉ ଉକ୍ତ ଅଭିଯାନର ବିବରଣୀ ସଂପର୍କରେ ଉଲ୍ଲେଖ ରହିଛି ଯେ, ଆଁହଜରତ ସ.ଅ ଅତ୍ୟନ୍ତ ରହସ୍ୟାତ୍ମକ ଢଙ୍ଗରେ ଯାତ୍ରା ଆରମ୍ଭ କଲେ । ଆଁହଜରତ ସ.ଅ ଲୋକମାନଙ୍କୁ ଯାତ୍ରା ପାଇଁ ପ୍ରସ୍ତୁତ ହେବା ନିମନ୍ତେ ଆଦେଶ ଦେଲେ । କିନ୍ତୁ ଆପଣ ସ.ଅ ଏହା କହିଲେ, ନାହିଁ ଯେ, କେଉଁଠାକୁ ଯିବେ । ଠିକ୍ ସେହିପରି ଆପଣ ସ.ଅ ହ. ଆଏଶା ର.ଅଙ୍କୁ କହିଲେ, ହେ ଆଏଶା ! ଯାତ୍ରା ନିମନ୍ତେ ମୋର ଜିନିଷ ପତ୍ର ଓ ପାଥେୟ ପ୍ରସ୍ତୁତ କର । ଏକଥା କହି ଆପଣ ସ.ଅ ଘରୁ ବାହାରକୁ ବାହାରିଗଲେ । ଠିକ୍ ସେତିକିବେଳେ ହ. ଅବୁ ବକ୍କର ର.ଅ ହ. ଆଏଶା ର.ଅଙ୍କ ପାଖକୁ ଆସିଲେ । ହ. ଆଏଶା ର.ଅ ସେତେବେଳେ ଆଁହଜରତ ସ.ଅଙ୍କ ନିମନ୍ତେ ଜିନିଷ ପତ୍ର ପ୍ରସ୍ତୁତ କରୁଥିଲେ । ହ. ଅବୁ ବକ୍କର ର.ଅ ପଚାରିଲେ ହେ ଆଏଶା ! ରସୁଲୁଲ୍ଲାଃ ସ.ଅ କ'ଣ କୌଣସି ଯୁଦ୍ଧକୁ ଯିବା ନିମନ୍ତେ ବୋଧେ ପ୍ରସ୍ତୁତ ହେଉଛନ୍ତି ? ହ. ଆଏଶା ର.ଅ ନିରବ ରହିଲେ । ହ. ଅବୁ ବକ୍କର ର.ଅ ପୁନଶ୍ଚ କହିବାକୁ ଲାଗିଲେ ଯେ, ସମ୍ଭବତଃ ରୋମୀୟମାନଙ୍କ ଆଡ଼କୁ ଯିବାକୁ ମନସ୍ଥ କରିଥିବେ ଅବା ନଜଦ୍‌ବାସୀଙ୍କ ଆଡ଼କୁ ଯିବା ନିମନ୍ତେ ଆପଣ ମନସ୍ଥ କରିଥାଇ ପାରନ୍ତି ଅବା କୁରୈଶ୍ ଆଡ଼କୁ ଯିବା ନିମନ୍ତେ ଆପଣ ମନସ୍ଥ କରିଥାଇ ପାରନ୍ତି । କିନ୍ତୁ ସେମାନଙ୍କ (କୁରୈଶ୍‌ମାନଙ୍କ) ସହିତ ତ' ଚୁକ୍ତିର ଅବଧି ବର୍ତ୍ତମାନ ସମାପ୍ତ ହୋଇ ନାହିଁ । ଅବଧି ଶେଷ ହେବାକୁ ଆଉ କିଛି ଦିନ ବାକି ରହିଛି । ହ. ଆଏଶା ର.ଅ ହ. ଅବୁ ବକ୍କର ର.ଅଙ୍କ ପ୍ରତ୍ୟେକ ପ୍ରଶ୍ନରେ ନିରବ ରହିଲେ ଏବଂ କୌଣସି ଉତ୍ତର ପ୍ରଦାନ କଲେ ନାହିଁ । ଠିକ୍ ସେତିକିବେଳେ ନବୀ କରୀମ୍ ସ.ଅ ଆସିଲେ । ହ. ଅବୁ ବକ୍କର କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ କେଉଁଠି ଯିବା ନିମନ୍ତେ ବାହାରିଛନ୍ତି? ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, କାହିଁ ନାହିଁ ତ' । ହ. ଅବୁ ବକ୍କର ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବାହ ! କ'ଣ ଆପଣ ବନୁ ଅସ୍‌ଫର୍ ଅର୍ଥାତ୍ ରୋମୀୟ ଆଡ଼କୁ ଯିବାକୁ ନିମନ୍ତେ ଉଦ୍ଦେଶ୍ୟ ରଖିଛନ୍ତି କି ? ଆପଣ ସ.ଅ କହିଲେ, ନା । ହ. ଅବୁ ବକ୍କର ର.ଅ କହିଲେ, ତାହେଲେ ଆପଣ ସ.ଅ ନଜଦ୍‌ବାସୀଙ୍କ ଆଡ଼କୁ ଯିବା ନିମନ୍ତେ ସ୍ଥିର କରିଛନ୍ତି କି ? ଆପଣ ସ.ଅ କହିଲେ, ନାହିଁ । ହ. ଅବୁ ବକ୍କର ର.ଅ କହିଲେ, ସମ୍ଭବତଃ ଆପଣ ସ.ଅଙ୍କର କୁରୈଶ୍ ଅଭିମୁଖେ ଯିବା ନିମନ୍ତେ ଉଦ୍ଦେଶ୍ୟ ରହିଛି । ଆପଣ ସ.ଅ କହିଲେ, ହଁ । ପ୍ରତ୍ୟୁତ୍ତରର ହ. ଅବୁ ବକ୍କର ର.ଅ କହିବାକୁ ଲାଗିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଆପଣ ସ.ଅଙ୍କ ମଧ୍ୟରେ ଓ ସେମାନଙ୍କ ମଧ୍ୟରେ କୌଣସି ଚୁକ୍ତି ତ' ହୋଇ ନାହିଁ ? ଅର୍ଥାତ୍ ସୁଲାହ୍ ହୁଦୈବିୟାହ୍‌ର। ଆପଣ ସ.ଅ କହିଲେ, ହେ ଅବୁ ବକ୍କର ! କ'ଣ ଆପଣ ଜାଣି ପାରିଲେ ନାହିଁ ଯେ, ବନି କାଆବ୍ ଅର୍ଥାତ୍ ଖୁଜାଆ ସଂପ୍ରଦାୟ ସହିତ କ'ଣ କରିଛନ୍ତି ? **(ମୁଗାଜି ସୟେଦିନା ମୁହମ୍ମଦ୍ ସ.ଅ, ଲେଖକ-ମୁସା ବିନ୍ ଉକବା, ଭାଗ-3, ପୃ-112-119)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣାର ଅତିରିକ୍ତ ବିବରଣୀ ପ୍ରଦାନ କରି ସିରତୁଲ୍ ହଲବିୟାହରେ ଉଲ୍ଲେଖ କରନ୍ତି ଯେ, ହ. ଅବୁ ବକ୍କର ର.ଅ ଆପଣ ସ.ଅଙ୍କୁ ପଚାରିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଆପଣ ସ.ଅ ଯାତ୍ରା କରିବା ନିମନ୍ତେ ଉଦ୍ଦେଶ୍ୟ କରିଛନ୍ତି ? ଆପଣ ସ.ଅ କହିଲେ, ହଁ ହ. ଅବୁ ବକ୍କର ର.ଅ ପଚାରିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ କେଉଁଠାକୁ ଯିବା ନିମନ୍ତେ ମନସ୍ଥ କରିଛନ୍ତି ? ଆପଣ ସ.ଅ କହିଲେ, କୁରୈଶ୍‌ମାନଙ୍କର ମୁକାବିଲା କରିବା ନିମନ୍ତେ ମୁଁ ମନସ୍ଥ କରିଛି । କିନ୍ତୁ ତତ୍‌ସହିତ ଆପଣ ସ.ଅ ଏହା ମଧ୍ୟ କହିଲେ, ହେ ଅବୁ ବକ୍କର୍ ! ଆପଣ ଉକ୍ତ କଥାକୁ ଗୁପ୍ତ ରଖିବେ । କାହାରି ଆଗରେ ଏକଥା ପ୍ରକାଶ କରିବେ ନାହିଁ । ଅତଏବ୍ ଆଁହଜରତ ସ.ଅ ଲୋକମାନଙ୍କୁ ପ୍ରସ୍ତୁତ ହେବା ନିମନ୍ତେ ଆଦେଶ ଦେଲେ । କିନ୍ତୁ ଆପଣ ସ.ଅ ଲୋକମାନଙ୍କୁ ତହିଁରୁ ଅନବଗତ (ଅର୍ଥାତ୍ ମକ୍କା ଓ କୁରୈଶ୍‌ମାନଙ୍କ ଉପେର ଆକ୍ରମଣ ସୂଚନାରୁ) ରଖିଲେ । ଅର୍ଥାତ୍ ଉକ୍ତ ଖବର ବିଷୟରେ ସାହାବାମାନଙ୍କୁ ଆପଣ ସ.ଅ କିଛି କହିଲେ ନାହିଁ ଯେ, ଆପଣ ସ.ଅ ଓ ସେମାନେ କେଉଁଠି ଯିବେ ? ଏତଦପ୍‌ରେ ଆପଣ ସ.ଅ ଗ୍ରାମୀଣ କ୍ଷେତ୍ରରେ ବାସ କରୁଥିବା ମୁସଲମାନ ଓ ଆଖପାଖରେ ଥିବା ମୁସଲମାନମାନଙ୍କୁ ସନ୍ଦେଶ ପ୍ରେରଣ କଲେ ଏବଂ ସେମାନଙ୍କୁ ଆଦେଶ ଦେଲେ ଯେ, ଯେଉଁ ବ୍ୟକ୍ତି ଅଲ୍ଲାଃତାଲା ଓ ପ୍ରଳୟ ଦିବସ ଉପରେ ବିଶ୍ୱାସ ରଖୁଛି ସେ ରମ୍‌ଜାନ ମାସରେ ମଦିନାରେ ଉପସ୍ଥିତ ହୋଇଯାଉ । ଆଁହଜରତ ସ.ଅଙ୍କ ଘୋଷଣାନୁଯାୟୀ ଆରବ୍ୟ ସଂପ୍ରଦାୟମାନେ ମଦିନା ଆସିବା ଆରମ୍ଭ କରିଦେଲ । ଯେଉଁ ସଂପ୍ରଦାୟମାନେ ମଦିନାରେ ପହଞ୍ଚିଲେ ସେମାନଙ୍କ ମଧ୍ୟରେ ବନୁ ଅସ୍‌ଲମ୍, ବନୁ ଗିଫ୍ଫାର୍, ବନୁ ମୁଜୈନିୟାହ୍, ବନୁ ଅଶ୍‌ଯାଅ ଓ ବନୁ ଜୁହୈନା ଇତ୍ୟାଦି ସଂପ୍ରଦାୟମାନେ ଥିଲେ । **(ଅସ୍‌ସିରତୁଲ୍ ହଲବିୟାହ୍, ଭାଗ-3, ପୃ-107-108, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାନୁଯାୟୀ ନବୀ କରୀମ୍ ସ.ଅ ପ୍ରଥମେ ହ. ଅବୁ ବକ୍କର ର.ଅଙ୍କୁ ଡାକି ତାଙ୍କ ସହିତ ପରାମର୍ଶ କଲେ । ପୁନଶ୍ଚ ଆପଣ ସ.ଅ ହ. ଉମର୍ ର.ଅଙ୍କୁ ଡାକି ପରାମର୍ଶ କଲେ ଏବଂ ପୁନଶ୍ଚ ସମସ୍ତ ମୁସଲମାନମାନଙ୍କୁ ଯାତ୍ରା ନିମନ୍ତେ ପ୍ରସ୍ତୁତ ହେବା ପାଇଁ ଆଦେଶ ଦେଲେ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-208, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣାର ଚର୍ଚ୍ଚା କରି ହ. ମୁସ୍‌ଲେହ୍ ମଉଦ୍ ର.ଅ ଏହିପରି ଉଲ୍ଲେଖ କରିଛନ୍ତି ଯେ, ରସୁଲ୍ କରୀମ୍ ସ.ଅ ନିଜର ପତ୍ନି (ହ. ଆଏଶା ର.ଅ) ଙ୍କୁ କହିଲେ, ଯାତ୍ରା ନିମନ୍ତେ ମୋର ପାଥେୟ ପ୍ରସ୍ତୁତ କର । ସେ ଅର୍ଥାତ୍ ଆଁହଜରତ ସ.ଅଙ୍କ ପତ୍ନି ପାଥେୟ ପ୍ରସ୍ତୁତ କରିବା ଆରମ୍ଭ କରିଦେଲେ ଓ ହ. ଆଏଶା ର.ଅଙ୍କୁ କହିଲେ, ହେ ଆଏଶା ! ମୋ ପାଇଁ ଛତୁଆ କିମ୍ବା ଶସ୍ୟ ବୀଜ ଭାଜି ଛତୁଆ ପ୍ରସ୍ତୁତ କର । ଆଗ କାଳରେ ଏହି ପ୍ରକାରର ଖାଦ୍ୟ ପଦାର୍ଥ ଉପଲବ୍ଧ ଥିଲା । ଅତଏବ୍ ହ. ଆଏଶା ର.ଅ ଶସ୍ୟବୀଜ ମଧ୍ୟରୁ ମାଟି ଛାଟିବାକୁ ଲାଗିଲେ ଶସ୍ୟ ଦାନା ସଫା କରିବା ଆରମ୍ଭ କରିଦେଲେ ହ. ଅବୁ ବକ୍କର୍ ର.ଅ ନିଜ ସୁପୁତ୍ରୀ ହ. ଆଏଶା ର.ଅଙ୍କ ଘରକୁ ଆସିଲେ ଏବଂ ଆପଣ ର.ଅ ଯେତେବେଳେ ଏହି ପ୍ରସ୍ତୁତିକୁ ଦେଖିଲେ ସେତେବେଳେ ନିଜର ସୁପୁତ୍ରୀକୁ ଦେଖି ପଚାରିଲେ ଯେ, ହେ ଆଏଶା ! ଏ କ'ଣ ହେଉଛି ? କ'ଣ ପ୍ରସ୍ତୁତ ଚାଲିଛି ? କ'ଣ ରସୁଲ୍ କରୀମ୍ ସ.ଅ କୁଆଡ଼େ ଯାତ୍ରା କରିବା ନିମନ୍ତେ ପ୍ରସ୍ତୁତ ହେଉଛନ୍ତି କି ? ହ. ଆଏଶା ର.ଅ କହିବାକୁ ଲାଗିଲେ ଯେ, ବୋଧେ ଆଁହଜରତ ସ.ଅ କୁଆଡ଼େ ଯାତ୍ରା କରିବା ନିମନ୍ତେ ବାହାରିଛନ୍ତି । ଆଁହଜରତ ସ.ଅ ମୋତେ ଯାତ୍ରା ନିମନ୍ତେ ଜିନିଷ ପତ୍ର ପ୍ରସ୍ତୁତ କରିବା ପାଇଁ କହିଛନ୍ତି । ହ. ଅବୁ ବକ୍କର ର.ଅ କହିଲେ, କ'ଣ ଆଁହଜରତ ସ.ଅଙ୍କ କୌଣସି ଯୁଦ୍ଧ କରିବା ନିମନ୍ତେ ଉଦ୍ଦେଶ୍ୟ ରହିଛି କି ? ହ. ଆଏଶା ର.ଅ କହିଲେ, ହେ ପିତାଶ୍ରୀ ! ମୁଁ ଏ ସଂପର୍କରେ କିଛି ଜାଣି ନାହିଁ । ରସୁଲୁଲ୍ଲାଃ ସ.ଅ ମୋତେ କେବଳ ଜିନିଷ ପତ୍ର ପ୍ରସ୍ତୁତ କରିବା ନିମନ୍ତେ କହିଛନ୍ତି । ଆପଣ ସ.ଅ କେଉଁଠିକୁ ଯିବେ, କାହିଁକି ଯିବେ ? ସେ ସଂପର୍କରେ ଆମକୁ କିଛି କହି ନାହାନ୍ତି । ଦୁଇ ତିନି ଦିନ ପରେ ଆପଣ ସ.ଅ ହ. ଅବୁ ବକ୍କର ଓ ହ. ଉମର୍ ର.ଅଙ୍କୁ ଡକାଇଲେ ଏବଂ କହିଲେ, ହେ ଅବୁ ବକ୍କର ଓ ହେ ଉମର୍ ! ଦେଖ ତୁମେମାନଙ୍କୁ ଜ୍ଞାତ ଅଛି ଯେ, ଖୁଜାଆ ସଂପ୍ରଦାୟର ଲୋକମାନେ କିପରି ଆସିଥିଲେ । ସେମାନେ କହିଥିଲେ ଯେ, ଅମକ ଘଟଣା ସେମାନଙ୍କ ସହିତ ହୋଇଛି । ଅଲ୍ଲାଃତାଲା ମୋତେ (ଆଁହଜରତ ସ.ଅଙ୍କୁ) ଉକ୍ତ ଘଟଣା ସଂକ୍ରାନ୍ତରେ ବହୁ ପୂର୍ବରୁ ହିଁ ସୂଚନା ପ୍ରଦାନ କରିଦେଇଥିଲେ ଯେ, ବନୁ ବକର୍ ସଂପ୍ରଦାୟ ବିଶ୍ୱାସଘତକତା କରିଛି ଏବଂ ଆମେମାନେ ସେମାନଙ୍କ ଅର୍ଥାତ୍ ବନୁ ଖୁଜାଆ ସଂପ୍ରଦାୟ ସହିତ ଚୁକ୍ତି କରିଅଛୁ । ବର୍ତ୍ତମାନ ଉକ୍ତ କଥାଟି ବିଶ୍ୱାସ ବିରୁଦ୍ଧୀୟ ଅଟେ ଯେ, ଆମେମାନେ ଭୟଭୀତ ହୋଇଯିବୁ ଓ ମକ୍କାବାସୀଙ୍କ ସାହସିକାତ ଓ ଶକ୍ତିକୁ ଦେଖି ସେମାନଙ୍କ ସହିତ ମୁକାବିଲା କରିବା ନିମନ୍ତେ ପ୍ରସ୍ତୁତ ହେବୁ ନାହିଁ । ସେ ଯାହା ହେଉ ଆମେମାନେ ସେଠାକୁ ଯିବୁ । ତୁମମାନଙ୍କର କ'ଣ ମତାମତ ରହିଛି ? ହ. ଅବୁ ବକ୍କର ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ତ' ସେମାନଙ୍କ ସହିତ ଚୁକ୍ତି କରିଛନ୍ତି ଓ ତାହା ପୁଣି ଆପଣ ସ.ଅଙ୍କ ନିଜ ଜାତି ଅଟେ । କହିବାର ତାତ୍ପର୍ଯ୍ୟ ଏହା ଥିଲା କି ଆପଣ ସ.ଅ ନିଜ ଜାତିର ଲୋକମାନଙ୍କୁ ମାରିବେ ? ହୁଜୁର ସ.ଅ କହିଲେ, ଆମେମାନେ ନିଜ ଜାତିର ଲୋକମାନଙ୍କୁ ମାରିବୁଁ ନାହିଁ । ଆମେମାନେ କେବଳ ଚୁକ୍ତି ଭଙ୍ଗ ବା ଚୁକ୍ତିର ଖିଲାଫକାରୀ ବ୍ୟକ୍ତିମାନଙ୍କୁ ହିଁ ସଂହାର କରିବୁ । ତପ୍‌ରେ ଆପଣ ସ.ଅ ହ. ଉମର୍ ର.ଅଙ୍କୁ ପଚାରିଲେ ଯେ, ହେ ଉମର୍ ! ତୁମର କ'ଣ ମତାମତ ରହିଛି । ହ. ଉମର୍ ର.ଅଙ୍କ ତ' ନିଜସ୍ୱ ସ୍ୱଭାବ ରହିଥିଲା । ସେ କହିଲେ, **ବିସ୍‌ମିଲ୍ଲାଃ** । ମୁଁ ତ' ପ୍ରତି ଦିନ ଦୁଆ କରୁଥିଲି ଯେ, ଏହି ଦିନଟି ମୋତେ ପ୍ରାପ୍ତ ହେଉ ଓ ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କ ସୁରକ୍ଷାତ୍ମ ନେତୃତ୍ୱରେ ଅବିଶ୍ୱାସକାରୀମାନଙ୍କ ସହିତ ଯୁଦ୍ଧ କରିବୁ । ରସୁଲ୍ କରୀମ୍ ସ.ଅ କହିଲେ, ଅବୁଁ ବକ୍କର୍ ଅତ୍ୟନ୍ତ କୋମଳ ସ୍ୱଭାବର ବ୍ୟକ୍ତି ଅଟନ୍ତି । କିନ୍ତୁ ସତ୍ୟ ଉମରଙ୍କ ତୁଣ୍ଡରୁ ହିଁ ନିଃସୃତ ହୋଇଥାଏ । ସତ କଥା ତ' ଉମରଙ୍କର ଅଟେ । ତପ୍‌ରେ ଆପଣ ସ.ଅ ମୁସଲମାନମାନଙ୍କୁ କହିଲେ, ହେ ମୁସଲମାନମାନେ ତୁମେମାନେ ପ୍ରସ୍ତୁତି ଆରମ୍ଭ କର । ଏହାପରେ ଆପଣ ସ.ଅ ଆଖପାଖରେ ସଂପ୍ରଦାୟରେ ଏହି ସନ୍ଦେଶ ପ୍ରେରଣ କରି ଘୋଷଣା କରାଇଦେଲେ ଯେ, ପ୍ରତ୍ୟେକ ବ୍ୟକ୍ତି ଯିଏ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ଉପରେ ବିଶ୍ୱାସ ରଖୁଛି ସେ ରମ୍‌ଜାନ ମାସର ପ୍ରାରମ୍ଭିକ ଦିନମାନଙ୍କରେ ମଦିନାରେ ଏକତ୍ରିତ ହୋଇଯାଉ ।

**(ସେରେ ରୁହାନୀ, ଅନ୍‌ୱାରୁଲ୍ ଉଲୁମ୍, ଭାଗ-7, ପୃ-260-261)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅ ଉକ୍ତ ଯାତ୍ରାକୁ ଗୁପ୍ତ ରଖିବା ନିମନ୍ତେ ନାନା ଉପାୟ ଓ ଯୋଜନା କଲେ । ସୁତରାଂ ଆପଣ ସ.ଅ ଯାତ୍ରା ପୂର୍ବରୁ ୪7 ଜଣ ସଦସ୍ୟ ବିଶିଷ୍ଟ ଏକ ଦଳକୁ ହ. ଅବୁ **(ଅବଶିଷ୍ଟାଂଶ.........ପୃ-11ରେ)**

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

## ପୃ-10ରେ ବର୍ଣ୍ଣିତ ଖୁତ୍‌ବା ଜୁମାର ଅବଶିଷ୍ଟାଂଶ....

କତାଦା ବିନ୍ ରିବ୍‌ଈ ର.ଅଙ୍କ ନେତୃତ୍ୱରେ ଇଜମ୍ ଉପତ୍ୟକା ଆଡ଼କୁ ମକ୍କାର ବିପରୀତ ଦିଗରେ ପ୍ରେରଣ କଲେ । କାରଣ ଚିନ୍ତାକାରୀ ବ୍ୟକ୍ତି ଏହା ଭାବୁ ଯେ, ଆପଣ ସ.ଅ ସେହି ଦିଗ ଆଡ଼କୁ ଯିବା ନିମନ୍ତେ ସ୍ଥିର କରିଛନ୍ତି ଓ ଏହି ଖବର ଯେପରି ନବ୍ୟାପୁ, ଇଜମ୍ ଉପତ୍ୟକା ମଦିନା ଠାରୁ 36 ମାଇଲ୍ ଦୂରତାରେ ପୂର୍ବ ଦିଗ ଆଡ଼କୁ ନଜଦ୍‌ର ଏକ ଉପତ୍ୟକା ଅଟେ । **(ଜବନୀ ଶବ୍ଦକୋଷ, ଭାଗ-9, ପୃ-111, ଦାରୁସ୍ ସଲାମ୍) (ଜୀବନୀ ଶବ୍ଦକୋଷ, ପୃ-45, ଜୱାର୍ ଏକାଡ଼େମୀ, କରାଚୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ବ୍ୟତୀତ ଆପଣ ସ.ଅ ମଦିନାର ଆଖପାଖରେ କିଛି ଲୋକମାନଙ୍କୁ ପ୍ରେରଣ କରିଦେଲେ ଏବଂ ସେହି ସମସ୍ତଙ୍କର ଏହି ଡିୟୁଟି ଥିଲା କି କେହି ଅପରିଚିତ ବ୍ୟକ୍ତି ମକ୍କା ଅଭିମୁଖେ (ଆଡ଼କୁ) ଯାଉଥିବ ତା'କୁ ଫେରାଇ ଦିଆଯାଉ । ଏହି ସମସ୍ତ କାମର ତତ୍ତ୍ୱାବଧାନ ଏବଂ ତଦାରଖ ନିମନ୍ତେ ହ. ଉମର୍ ର.ଅଙ୍କୁ ନିଯୁକ୍ତ କରାଗଲା । ଆପଣ ତତ୍ତ୍ୱାବଧାରକ ରୂପେ ପଇଁତରା ମାରୁଥିଲେ। ଏହି ସମସ୍ତ ଯୋଜନା ଅବଲମ୍ବନ କରିବା ପରେ ଆପଣ ସ.ଅ ନିଜ ଈଶ୍ୱରଙ୍କ ସମ୍ମୁଖରେ ଦୁଆ ନିମନ୍ତେ ହାତ ଉଠାଇ କହିଲେ,

اَللّٰھُمَّ خُذْ عَلٰی أَسْمَاعِھِمْ وَاَبْصَارِھِمْ فَلَا یَرَوْنَا اِلَّا بَغْتَۃً، وَلَا یَسْمَعُوْنَ بِنَا اِلَّا فَجْأَۃً

ହେ ଅଲ୍ଲାଃ ! ତୁମ୍ଭେ କୁରୈଶମାନଙ୍କର କାନ, ଆଖିକୁ ଅଟକାଇ ରଖ । ଅର୍ଥାତ୍ ସେମାନଙ୍କର ଗୁପ୍ତଚର ଏବଂ ସନ୍ଦେଶବାହକମାନଙ୍କୁ ଅଟକାଇ ଦିଅ । କାରଣ ସେମାନେ ଆମ୍ଭମାନଙ୍କୁ ଯେପରି ନଦେଖି ପାରନ୍ତୁ । କିନ୍ତୁ ଆମ୍ଭେମାନେ ସହସା ସେମାନଙ୍କ ପର୍ଯ୍ୟନ୍ତ ପହଞ୍ଚିଯିବୁ । ସେହିପରି ସେମାନେ ଆମ୍ଭମାନଙ୍କ ସହସା ପହଞ୍ଚିବା ସଂକ୍ରାନ୍ତରେ କୌଣସି ସୂଚନା ନପ୍ରାପ୍ତ କରି ନିଅନ୍ତୁ । **(ସିରତୁନ୍ ନବୀ ସ.ଅ, ଲେଖକ- ଡାକ୍ତର ସଲାବି, ଅନୁବାଦକ, ଭାଗ-3, ପୃ-384-385) (ଦାଏରାହ୍ ମାଆରିଫ୍, ଭାଗ-9, ପୃ-72, ବଜ୍‌ମେ ଇକ୍‌ବାଲ୍ ଲାହୋର୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅଙ୍କ ଆଉ ଏକ ଦୁଆ ମଧ୍ୟ ମିଳେ। ତାହା ଏହିପରି ଯେ, اَللّٰھُمَّ خُذِ الْعُیُوْنَ وَالْاَخْبَارَ عَنْ قُرَیْشٍ حَتّٰی نَبْغَتَھَا فِیْ بِلَادِھَا ଅର୍ଥାତ୍ ହେ ଅଲ୍ଲାଃ ! କୁରୈଶ୍‌ମାନଙ୍କର ଗୁପ୍ତଚର ଏବଂ ସନ୍ଦେଶବାହକମାନଙ୍କୁ ଅଟକାଇ ଦିଅ । ଏପର୍ଯ୍ୟନ୍ତକି ଆମ୍ଭେମାନେ ସେମାନଙ୍କ ଅଞ୍ଚଳ ପର୍ଯ୍ୟନ୍ତ ସହସା ଯାଇ ପହଞ୍ଚିଯିବୁ ।

**(ତାରିଖୁତ୍ ତବ୍ରୀ, ଭାଗ-2, ପୃ-155, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟହା, ବୈରୁତ୍)**

ବର୍ତ୍ତମାନ ସଂସାରର ସାମୂହିକ ପରିସ୍ଥିତି ନିମନ୍ତେ ମଧ୍ୟ ମୁଁ କହିବାକୁ ଚାହୁଁଛି ଯେ, ଆପଣମାନଙ୍କୁ ମୁଁ ସବୁବେଳେ ଦୁଆ କରିବାକୁ କହିଥାଏ । ତେଣୁ ଆପଣମାନେ ଦୁଆ କରୁ ଥାଆନ୍ତୁ । ଯୁଦ୍ଧ ବ୍ୟାପୀବାର ଆଶଙ୍କା କ୍ରମଶଃ ବୃଦ୍ଧି ପାଇ ଚାଲିଛି ଏବଂ ଆପଣମାନେ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ କରନ୍ତୁ ଯେ, ଅଲ୍ଲାଃତାଲା ଏହି ବିନାଶରୁ ଆମମାନଙ୍କୁ ସୁରକ୍ଷିତ ରଖନ୍ତୁ । କାରଣ ବର୍ତ୍ତମାନ ତ' ଇରାନ୍ ଉପରେ ଇସ୍ରାଇଲ୍ ଘନ ଘନ ଆକ୍ରମଣ କରି ଦେଇଛି ଏବଂ ଏହି ଯୁଦ୍ଧ ସ୍ଥିତି ବର୍ତ୍ତମାନ ଭୟଙ୍କର ଓ ଉଗ୍ର ରୂପ ଧାରଣ କରିନେଇଛି । ଇସ୍ରାଇଲୀୟ ସରକାରର ଏହି ଲୋକମାନେ ତ' ବର୍ତ୍ତମାନ ଏହା ହିଁ ଚାହିଁବେ ଯେ, ସେମାନେ ଜଣ ଜଣ କରି ସମସ୍ତ ମୁସଲମାନ ରାଷ୍ଟ୍ରମାନଙ୍କୁ କ୍ଷତି ପହଞ୍ଚାଇବାରେ ସକ୍ଷମ ଓ ସଫଳ ହୁଅନ୍ତୁ । କିନ୍ତୁ ମୁସଲମାନ ରାଷ୍ଟ୍ରମାନେ ଶୋଇ ରହିଛନ୍ତି । ଏମାନେ ନିଜର ଉନ୍ନତି ଓ ଅନ୍ୟ ପ୍ରାଧାନ୍ୟରେ ଲିପ୍ତ ତଥା ସୁପ୍ତ ରହିଛନ୍ତି । ଏମାନେ ବୁଝିପାରୁ ନାହାନ୍ତି ଯେ, କ'ଣ ହେବ ଓ କ'ଣ ଘଟିବ ? ମୁସଲମାନମାନଙ୍କର ନା ସୁକର୍ମ ରହିଲା ଓ ନା ହିଁ ସେମାନଙ୍କର ଦୁଆ ପ୍ରତି କୌଣସି ଧ୍ୟାନ ରହିଛି । ଏଭଳି ପରିସ୍ଥିତିରେ ଯେଉଁ କ୍ଷତି ହେବ ତାହାର କଳ୍ପନା ମଧ୍ୟ ଏମାନେ କରିପାରିବେ ନାହିଁ ।

ଅଲ୍ଲାଃତାଲା ଏମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଏବଂ ଏଥିପ୍ରତି ଏମାନେ ଧ୍ୟାନ ଦିଅନ୍ତୁ ଓ ନିଜ ମଧ୍ୟରେ ଏକତା ସ୍ଥାପନ କରିବା ନିମନ୍ତେ ଉଦ୍ୟମ କରନ୍ତୁ । ଏହା ନୁହେଁ ଯେ, ଅମକ ଗୋଷ୍ଠୀ ରହିଛି, ଅମକ ସଂପ୍ରାଦୟ ରହିଛି (ଅର୍ଥାତ୍ ଶିହା ସୁନ୍ନି, ଦିଓବନ୍ଦୀ, ବରେଲୱୀ ଇତ୍ୟାଦି) ବୋଲି ଆମେମାନେ ସାହାଯ୍ୟ କରିବୁ ନାହିଁ । ସମସ୍ତ ରାଷ୍ଟ୍ରମାନେ ବିପଦଗ୍ରସ୍ତ ଅଟନ୍ତି । କାରଣ اَلْکُفْرُ مِلَّۃٌ وَّاحِدَۃٌ ହୋଇ ସାରିଛି, ସମସ୍ତ ଅବିଶ୍ୱାସକାରୀମାନେ ଏକ ହୋଇଯାଇଛନ୍ତି, ତେଣୁ ମୁସଲମାନମାନଙ୍କୁ ମଧ୍ୟ ଏକତ୍ରିତ ଓ ଏକ ଧର୍ମ ହେବାକୁ ପଡ଼ିବ । ତେବେଯାଇ ସେମାନଙ୍କ ଠାରୁ ନିସ୍ତାର ମିଳି ପାରିବ । ଏହାକୁ ବାଦ୍‌ଦେଲେ ଅନ୍ୟ କୌଣସି ଉପାୟ ନାହିଁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ପ୍ରତ୍ୟେକ ନିରୀହ, ନିଷ୍ପାପ ଓ ପ୍ରତ୍ୟେକ ଅତ୍ୟାଚାରିତ ତଥା ନିଷ୍ପେଷିତମାନଙ୍କୁ କ୍ଷତିରୁ ସୁରକ୍ଷିତ ରଖନ୍ତୁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆମମାନଙ୍କୁ ମଧ୍ୟ ଦୁଆ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍। ଅଲ୍ଲାଃତାଲା ଏଥି ନିମନ୍ତେ ଆମମାନଙ୍କୁ ସାମର୍ଥ୍ୟ ମଧ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।**

**(ଅଲ୍‌ଫଜଲ୍ ଇଣ୍ଟରନ୍ୟାସନଲ୍, 27 ଜୁନ୍ 2025 ମସିହା, ପୃ-2-3)**

☆--☆--☆

## ପୃ-04ରେ ବର୍ଣ୍ଣିତ ଖୁତ୍‌ବା 30 MAY 2025 ଜୁମାର ଅବଶିଷ୍ଟାଂଶ....

ବ୍ୟବସ୍ଥା ଆସିଯିବ । ପ୍ରତ୍ୟୁତ୍ତରରେ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କୁ ଯେତେବେଳେ ଏକଥା ଜ୍ଞାତ ହେଲା ସେତେବେଳେ ଆପଣ ସ.ଅ ଅତ୍ୟନ୍ତ ଦୃଢ ଭାବରେ ଏହାକୁ ଖଣ୍ଡନ କରିଦେଲେ । ଆପଣ ର.ଅ କହିଲେ, ଯେପର୍ଯ୍ୟନ୍ତ ଜମାଅତ୍ ଅହମଦିୟାରେ ଆଧ୍ୟାତ୍ମିକତା ଏବଂ ଧର୍ମପରାଣୟତା ବଜାୟ ରହିଛି ସେପର୍ଯ୍ୟନ୍ତ ଜମାଅତ୍ ଅହମଦିୟାରେ ମୁଲୁକିୟତ୍ (ଶାସକବାଦ ବା ଏକଛତ୍ରବାଦ) ଶାସନ ବ୍ୟବସ୍ଥା କେବେ ବି ଆସିବ ନାହିଁ ।

**(ଅଲ୍‌ଫଜଲ୍, 3 ଏପ୍ରିଲ୍, 1952 ମସିହା, ପୃ-3)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହି ବ୍ୟବସ୍ଥା **ଇନ୍‌ଶାଅଲ୍ଲାଃ** ଅବ୍ୟାହତ ରହିବ ଓ ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ଯେଉଁ ଅଙ୍ଗୀକାର କରିଛନ୍ତି ତାହା ଅବଶ୍ୟ ପୂର୍ଣ୍ଣ ହେବ । ଯେପରିକି ଆପଣ ଅ.ସ କହିଛନ୍ତି ଯେ, "ଯେପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କର ସେହି ସମସ୍ତ ଅଙ୍ଗୀକାର ପୂର୍ଣ୍ଣ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ଏପରି କୌଣସି ବ୍ୟବସ୍ଥା ଜମାଅତ୍ ଅହମଦିୟାରେ ଆସିବ ନାହିଁ ଯାହା ଖିଲାଫତ୍‌ର ଅନିଷ୍ଟ ସାଧନକାରୀ ସାବ୍ୟସ୍ତ ହେବ । ହ. ମିର୍ଜା ବଶୀର୍ ଅହମଦ୍ ସାହେବ ଖିଲାଫତ୍‌ର ମର୍ଯ୍ୟାଦା ସହିତ ପରିଚିତ ଥିଲେ ଏବଂ ପୂର୍ଣ୍ଣ ବିଶ୍ୱସ୍ତତାର ସହିତ ଖିଲାଫତ୍ ସହିତ ସଂଶ୍ଳିଷ୍ଟ ଥିଲେ । ତେଣୁ କୌଣସି ପ୍ରଶ୍ନ ହିଁ ଉଠୁ ନଥିଲା ଯେ, ଏହାପରେ କୌଣସି ବ୍ୟକ୍ତି ନିଜର ରାୟ ପ୍ରଦାନ କରିବ । ବରଂ ଆପଣ[ର.ଅ] କହୁଥିଲେ ଯେ, ମୁଁ (ହ. ମିର୍ଜା ବଶୀର୍ ଅହମଦ୍ ର.ଅ) ଯଦି କୌଣସି ପ୍ରସଙ୍ଗରେ କିଛି ମତ ପ୍ରଦାନ କରିଦିଏ ଏବଂ ଖଲିଫତୁଲ୍ ମସିହ୍ ତା' ବିରୁଦ୍ଧରେ ନିର୍ଣ୍ଣୟ ପ୍ରଦାନ କରି ଦିଅନ୍ତି ଓ ତାଙ୍କର (ଖଲିଫତୁଲ୍ ମସିହ ସାନି ର.ଅଙ୍କର) ମତ ସଂପୂର୍ଣ୍ଣ ଭିନ୍ନ ହୁଏ ତେବେ ମୋ ମନରେ କେବେ ବି କୌଣସି ଧାରଣା ଆସି ନାହିଁ ଯେ, ମୋର ନିଜସ୍ୱ କୌଣସି ରାୟ ମଧ୍ୟ ରହିଛି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏହା ଥିଲା ଖିଲାଫତ୍ ପ୍ରତି ବିଶ୍ୱସ୍ତତା ଓ ପୂର୍ଣ୍ଣ ବିଶ୍ୱସ୍ତତା । ସେ ଯାହା ହେଉ ଏହି ଦୃଷ୍ଟିରୁ ଆମମାନଙ୍କୁ ମଧ୍ୟ ଅଲ୍ଲାଃତାଲାଙ୍କର ଅଙ୍ଗୀକାର ଉପରେ ଦୃଢ ବିଶ୍ୱାସ ହେବା ଉଚିତ୍ । କାରଣ ନିଜାମେ ଖିଲାଫତ୍ ଅଲ୍ଲାଃତାଲାଙ୍କ କୃପାରୁ ସେହି ବ୍ୟବସ୍ଥା ଅଟେ ଯାହା ଅଲ୍ଲାଃତାଲାଙ୍କ ଇଚ୍ଛାନୁଯାୟୀ ପ୍ରତିଷ୍ଠିତ ହୋଇଥିଲା ଓ ତାହାଙ୍କ ଅଙ୍ଗୀକାର ମୁତାବକ ଏହା ଅବ୍ୟାହତ ରହିବ । କାରଣ କୌଣସି ସାଂସାରିକ ସମ୍ରାଟତ୍ୱ ଏବଂ ଶାସକବାଦ ବ୍ୟବସ୍ଥା ଖିଲାଫତ୍ ମଧ୍ୟରେ ପ୍ରବିଷ୍ଟ ହୋଇପାରିବ ନାହିଁ । କାରଣ ଉପସ୍ଥିତ ଖଲିଫା ତ' ରାତିରେ ଉଠି ନିଜର ନମାଜ୍‌ରେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ସକାଶେ ଦୁଆ କରି ଥାଆନ୍ତି । କ'ଣ ଏପରି କୌଣସି ସମ୍ରାଟ୍ ଅଛି ଯିଏ ନିଜ ପ୍ରଜାଙ୍କ ପାଇଁ ଏପରି କୃତ୍ୟ (ଦୁଆ) ପ୍ରଦର୍ଶନ କରିପାରିବ ? "

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଉକ୍ତ କଥାକୁ ଆମମାନେ ଯଦି ମନେରଖୁ ଏବଂ ତଦନୁଯାୟୀ ଯଦି ଆମେମାନେ କାର୍ଯ୍ୟାନୁସରଣ କରୁ ତେବେଯାଇ ଆମେମାନେ ସାଫଲ୍ୟମଣ୍ଡିତ ହୋଇପାରିବୁ । ଅଲ୍ଲାଃତାଲା କହିଛନ୍ତି ଯେ, ଏହି ସମ୍ମାନ ସେହି ଲୋକମାନଙ୍କୁ ହିଁ ପ୍ରାପ୍ତ ହେବ ଯେଉଁମାନେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ଆଜ୍ଞା ପାଳନ କରିବେ । ଅତଏବ୍ ଯେପର୍ଯ୍ୟନ୍ତ ଆମମମାନଙ୍କ ମଧ୍ୟରୁ ପୁଣ୍ୟବାନ ଓ ସଦାଚାରୀ ବ୍ୟକ୍ତିମାନେ ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହଙ୍କ ଆଜ୍ଞା ପାଳନ କରୁଥିବେ ସେପର୍ଯ୍ୟନ୍ତ ସେମାନେ ତହିଁରୁ ଉପକୃତ ହେଉଥିବେ ଏବଂ ଆମେମାନେ ମଧ୍ୟ ଉକ୍ତ ପ୍ରତିଶୃତି ଅନୁଯାୟୀ ତହିଁରୁ ଉପକୃତ ହେଉଥିବୁ । ଯଦି ଏପରି ନୁହେଁ ତେବେ ଏପରି ଲୋକମାନେ ଖିଲାଫତରୁ ଭିନ୍ନ ହୋଇଯିବେ । କିନ୍ତୁ ଈଶ୍ୱରଙ୍କ ଅଙ୍ଗୀକାର **ଇନ୍‌ଶାଅଲ୍ଲାଃ** କେବେ ବି ଟଳି ପାରିବ ନାହିଁ । ଅଲ୍ଲାଃତାଲା ତ' କହିଛନ୍ତି ଯେ, وَاِنْ تُطِیْعُوْہُ تَھْتَدُوْا ଅର୍ଥାତ୍ ତୁମେମାନେ ଯଦି ଆଜ୍ଞାନୁବର୍ତ୍ତୀ ହୁଅ ତେବେ ତୁମେମାନେ ସତ୍‌ପଥ ପ୍ରାପ୍ତ କରିନେବ । ସର୍ବଦା ତୁମେମାନଙ୍କର ମାର୍ଗଦର୍ଶନ କରାଯାଉଥିବ । ଅଲ୍ଲାଃତାଲା ପୁନଶ୍ଚ କୁହନ୍ତି ଯେ, وَعَدَ اللّٰہُ الَّذِیْنَ اٰمَنُوْا مِنْکُمْ وَعَمِلُوا الصّٰلِحٰتِ ଅର୍ଥାତ୍ ତୁମମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ସତ୍‌କର୍ମ କରୁଛନ୍ତି ସେମାନଙ୍କ ସହିତ ଅଲ୍ଲାଃତାଲା ଏହି ଅଙ୍ଗୀକାର କରିଛନ୍ତି । ବିଶ୍ୱାସ ଏବଂ ସତକର୍ମର ଯେଉଁ ସ୍ତର ରହିଛି ତାହା ପୂର୍ବ ଆୟତରେ ଅଲ୍ଲାଃତାଲା ବର୍ଣ୍ଣନା କରିଦେଇଛନ୍ତି । ପୂର୍ଣ୍ଣ ଆଜ୍ଞାନୁବର୍ତ୍ତୀର ଭାର ନିଜ କାନ୍ଧରେ ବହନ କରିବା ଦ୍ୱାରା ହିଁ **(ଅବଶିଷ୍ଟାଂଶ.....ପରବର୍ତ୍ତୀ ପୃରେ)**

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَیْسَ اللّٰہُ بِکَافٍ عَبْدَہٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

ତାଲିବେ ଦୁଆ: Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାହି )

ତାଲିବେ ଦୁଆ: Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 31 July 2025 Issue No. 31

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

## ପୃ-11ରେ ବର୍ଣ୍ଣିତ ଖୁତ୍‌ବା 30 MAY 2025 ଜୁମାର ଅବଶିଷ୍ଟାଂଶ....

ତୁମେମାନେ ପ୍ରକୃତ ଧର୍ମବିଶ୍ୱାସୀ ବା ବିଶ୍ୱାସକାରୀ ବୋଲାଇ ପାରିବ । ସେତେବେଳେ ଯାଇ ସତ୍‌କର୍ମ ସମ୍ପାଦନ କରିବା ପ୍ରତି ତୁମମାନଙ୍କର ଧ୍ୟାନ ସୃଷ୍ଟି ହୋଇ ପାରିବ ଏବଂ ତହିଁରେ ଅଗ୍ରଗତି କରିବା ନିମନ୍ତେ ମଧ୍ୟ ତୁମମାନଙ୍କର ଧ୍ୟାନ ସୃଷ୍ଟି ହେବ । ଅତଏବ୍ ଯେତେବେଳେ ଏହି ସ୍ତର ପ୍ରାପ୍ତ ହୋଇଯିବ ସେତେବେଳେ ଖିଲାଫତ୍‌ର ପୁରସ୍କାରରୁ ଆମେମାନ ଉପକୃତ ହୋଇ ଚାଲିବା । ଅତଏବ୍ ଅଲ୍ଲାଃତାଲା ଖିଲାଫତ୍‌କୁ ଜାରି ରଖିବା ନିମନ୍ତେ ଓ ତହିଁରୁ କଲ୍ୟାଣ ତଥା ଉପକୃତ ହେବା ନିମନ୍ତେ ଆମମାନଙ୍କୁ ଏହି ନିର୍ଦ୍ଦେଶ ଦେଇ ଉତ୍ସାହିତ କରିଛନ୍ତି ଯେ, ଯେଉଁ ଲୋକମାନେ ଏହି ଖିଲାଫତ୍ ସହିତ ସଂଶ୍ଳିଷ୍ଟ ରହିବେ ସେମାନେ ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହଙ୍କ ଆଜ୍ଞା ପାଳନ କରନ୍ତୁ ଓ ତାହାଙ୍କ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁସଲମାନମାନଙ୍କ ମଧ୍ୟରେ ବର୍ତ୍ତମାନ ଦେଖି ନିଅନ୍ତୁ ଯେ, ଇତିହାସ ଆମମାନଙ୍କୁ ଏ ସଂକ୍ରାନ୍ତରେ ଅନେକ ତଥ୍ୟ ପ୍ରଦାନ କରିଥାଏ ଏବଂ ଆଁହଜରତ ସ.ଅଙ୍କର ଯେଉଁ ହଦିସଗୁଡ଼ିକ ରହିଛି ତଦନୁଯାୟୀ ଏହା ହିଁ ଆମେମାନେ ଦେଖିଥାଉ ଯେ, ମୁସଲମାନମାନଙ୍କ ମଧ୍ୟରେ ପ୍ରକୃତ ଖିଲାଫତ୍ ଅର୍ଥାତ୍ ଖିଲାଫତେ ରାଶିଦା ସେପର୍ଯ୍ୟନ୍ତ ଅବ୍ୟାହତ ତଥା ଜାରି ରହିଥିଲା ଯେପର୍ଯ୍ୟନ୍ତ ମୁସଲମାନମାନେ ପୂର୍ଣ୍ଣ ଆଜ୍ଞାନୁବର୍ତ୍ତୀର ଭାର ନିଜ କାନ୍ଧରେ ବହନ କରି ରଖିଥିଲେ । ଆଉ ଯେତେବେଳେ ମୁସଲମାନମାନେ ତହିଁରୁ ବହିର୍ଭୂତ ହେଲେ ସତେବେଳ ସେମାନେ ଖିଲାଫତରୁ ମଧ୍ୟ ବଞ୍ଚିତ ହୋଇଗଲେ । ସୁତରାଂ ଉକ୍ତ କଥାକୁ ସର୍ବଦା ସ୍ମରଣ ରଖିବା ଉଚିତ୍ ଯେ, ଜମାଅତ୍ ଅହମଦିୟା ସହିତ ସଂଶ୍ଳୀଷ୍ଟ ହୋଇ ଯଦି ତହିଁରୁ ଉପକୃତ ହେବାକୁ ଚାହୁଁଛନ୍ତି ତେବେ ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବା ମଧ୍ୟ ପ୍ରତ୍ୟେକ ଅହମଦି ବ୍ୟକ୍ତିର ସର୍ବାଦୌ କର୍ତ୍ତବ୍ୟ ଅଟେ । ଖିଲାଫତ୍‌ର ପୂର୍ଣ୍ଣ ଆଜ୍ଞାନୁବର୍ତ୍ତୀ ହେବା ମଧ୍ୟ ପ୍ରତ୍ୟେକ ଅହମଦି ବ୍ୟକ୍ତିର ପରମ କର୍ତ୍ତବ୍ୟ ଅଟେ । ସେହିପରି ଉପସ୍ଥିତ ଖଲିଫାଙ୍କର ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ ତଥା ଉପସ୍ଥିତ ଖଲିଫାଙ୍କରେ ଆଦାଶାବଳୀକୁ କାର୍ଯ୍ୟକାରୀ କରିବା ଓ ତାହାଙ୍କ ସହିତ ବିଶ୍ୱସ୍ତତାମୂଳକ ସଂପର୍କ ରଖିବା ମଧ୍ୟ ପ୍ରତ୍ୟେକ ଅହମଦିର ପରମ କର୍ତ୍ତବ୍ୟ ଅଟେ । ଯଦି ଜଣେ ଅହେମଦି ଏପରି କରେ ତେବେ ସେ ମାର୍ଗଦର୍ଶନ ପ୍ରାପ୍ତକାରୀ ବ୍ୟକ୍ତିରୂପେ ପରିଗଣିତ ହୋଇପାରିବ ଏବଂ ତେବେଯାଇ ସେହି ବ୍ୟକ୍ତି ଖିଲାଫତରୁ ଉପକୃତ ହୋଇପାରିବ । ତେଣୁ ଅଲ୍ଲାଃତାଲା କହିଛନ୍ତି ଯେ, ଖିଲାଫତରୁ ପ୍ରକୃତ ରୂପେ ଉପକୃତ ହେବାକୁ ହେଲେ ଆମମାନଙ୍କୁ ଖିଲାଫତ୍‌ର ପୂର୍ଣ୍ଣ ଆଜ୍ଞାନୁବର୍ତ୍ତୀ ଓ ତାହାଙ୍କ ଆଦେଶାବଳୀକୁ କାର୍ଯ୍ୟକାରୀ କରିବାକୁ ହେବ ଓ ତାହାଙ୍କ ପ୍ରତି ବିଶ୍ୱସ୍ତତା ପ୍ରଦର୍ଶନ କରିବାକୁ ପଡ଼ିବ । ତେଣୁ ଯେଉଁ ବ୍ୟକ୍ତି ପ୍ରକୃତ ରୂପେ ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବ ସେହି ବ୍ୟକ୍ତି ହିଁ ତହିଁରୁ ପ୍ରକୃତ ରୂପେ ଉପକୃତ ହୋଇପାରିବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଖିଲାଫତ୍‌ର ଯେଉଁ ବ୍ୟବସ୍ଥା ରହିଛି ତାହା ଏଭଳି ଏକ ବ୍ୟବସ୍ଥା ଯେ, ଅଲ୍ଲାଃତାଲା ହିଁ ଲୋକମାନଙ୍କର ହୃଦୟକୁ ଏହି ଆଡ଼କୁ ଆକର୍ଷିତ କରିଥାଆନ୍ତି । ଏହି ଐଶୀ ସମର୍ଥନ ହିଁ ଆମେମାନେ ସର୍ବଦା ଖିଲାଫତ୍ କାଳରେ ଦେଖି ଆସିଛୁ । ହ. ଖଲିଫତୁଲ୍ ମସିହ୍ ଅୱଲ୍ (ଜମାଅତ୍ ଅହମଦିୟାର ପ୍ରଥମ ଖଲିଫା) ଅଲ୍‌ହାଜ୍ ମୌଲାନା ହକିମ୍ ନୁରୁଦ୍ଦୀନ୍ ସାହେବ ର.ଅ ଯେତେବେଳେ ଖଲିଫା ହେଲେ ସେତେବେଳେ ଆପଣ ର.ଅଙ୍କ ସହିତ ମଧ୍ୟ ଅଲ୍ଲାଃତାଲାଙ୍କର ବିଶେଷ ସମର୍ଥନ ଥିଲା ଏବଂ ଲୋକମାନେ ଆପଣ ର.ଅଙ୍କ ହସ୍ତରେ ବୈଅତ୍ କଲେ । ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ କାଳରେ ମଧ୍ୟ ଆମେମାନେ ଦେଖିଅଛୁ ଯେ, ଉପଦ୍ରବ ଓ ବିଦ୍ରୋହ ସତ୍ତ୍ୱେ ଅଲ୍ଲାଃତାଲାଙ୍କ ସାହାଯ୍ୟ ଓ ସମର୍ଥନ ଆପଣ ର.ଅଙ୍କ ସହିତ ଥିଲା । ଏହି ସାହାଯ୍ୟ ଓ ସମର୍ଥନ ହ. ମସିହ୍ ମଉଦ୍ ଅ.ସଙ୍କ ପ୍ରତିଶୃତିକୁ ବାସ୍ତବ ରୂପେ ପୂର୍ଣ୍ଣ କରୁଥିଲା ଏବଂ ଜମାଅତ୍ ଅହମଦିୟା ପୁନଶ୍ଚ ଏକ ହସ୍ତରେ ଏକତ୍ରିତ ହୋଇଗଲା । ଯେଉଁ ଲୋକମାନେ ଖିଲାଫତ୍ ବ୍ୟବସ୍ଥା ବିରୋଧୀ ଥିଲେ କିମ୍ବା ଭବିଷ୍ୟତରେ ଖିଲାଫତ୍ ଜାରି ରଖିବା ନିମନ୍ତେ ବିରୁଦ୍ଧରେ ଥିଲେ, ସେମାନେ ଖିଲାଫତରୁ ପୃଥକ୍ ହୋଇଗଲେ ଏବଂ ସେମାନଙ୍କର କୌଣସି ସ୍ଥିତି ହିଁ ରହିଲା ନାହିଁ । ପୁନଶ୍ଚ ଖିଲାଫତେ ସାଲିସା (ତୃତୀୟ ଖଲିଫା)ରେ ମଧ୍ୟ ଆମେମାନେ ଦେଖିଲୁ ଯେ, କିପରି ଲୋକମାନେ ଗୋଟିଏ ହସ୍ତରେ ଏକତ୍ରିତ ହେଲେ । ପୁନଶ୍ଚ ଖିଲାଫତେ ରାବିୟା (ଚତୁର୍ଥ ଖଲିଫା)ଙ୍କ କାଳରେ ମଧ୍ୟ ଆମେମାନେ ଦେଖିଲୁ ଯେ, କିପରି ଲୋକମାନେ ଆପଣ ର.ଅଙ୍କ ହସ୍ତରେ ଏକତ୍ରିତ ହେଲେ ଏବଂ କୌଣସି ପ୍ରକାରର ଅନିଷ୍ଟତା ସେମାନଙ୍କୁ ବିକ୍ଷିପ୍ତ ହେବାକୁ ଦେଲା ନାହିଁ । ପୁନଶ୍ଚ ତପ୍ରରେ ଖିଲାଫତେ ଖାମିସା (ପଞ୍ଚମ ଖଲିଫା)ଙ୍କ ସମୟରେ ମଧ୍ୟ ଯେପରିକି ମୁଁ (ହୁଜୁର ଅନ୍‌ୱର୍ ଅ.ବ) ପୂର୍ବେ ମଧ୍ୟ ଅନେକ ଥର ବର୍ଣ୍ଣନା କରିଅଛି ଯେ, କିପରି ଲୋକମାନେ ଏକତ୍ରିତ ହୋଇଥିଲେ । ଏହା ଏକ ଜ୍ୱଳନ୍ତ ଉଦାହରଣ ଅଟେ ଯାହାର ଅନ୍ୟ କୌଣସି ଉଦାହରଣ ନାହିଁ । ଦୂରବର୍ତ୍ତୀ ଦେଶମାନଙ୍କର ଲୋକମାନେ ଏକତ୍ରିତ ହୋଇଛନ୍ତି । ସେମାନେ ଏପରି ବିଶ୍ୱସ୍ତତା ପ୍ରକାଶ କଲେ ଯାହାର କୌଣସି ଦୃଷ୍ଟାନ୍ତ ମିଳେ ନାହିଁ ।

**(ଅବିଶିଷ୍ଟାଂଶ.......ପରବର୍ତ୍ତୀ ସଂଖ୍ୟାରେ)**

## ପୃ-2ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ....

ଆପଣ ସ.ଅ ଯତେବେଳେ ମଦିନାରେ ପହଞ୍ଚିଲେ ସେତେବେଳେ ମକ୍କାର ଆଉ ଜଣେ ଯୁବକ ଯାହାର ନାମ ଅବୁ ବସୀର୍ ଥିଲା, ସେ ଆପଣ ସ.ଅଙ୍କ ପଛେ ପଛେ ଦଉଡ଼ି ଆସି ମଦିନା ପହଞ୍ଚିଲା । କିନ୍ତୁ ରସୁଲ୍ କରୀମ୍ ସ.ଅ ତା'କୁ ମଧ୍ୟ ଚୁକ୍ତି ଅନୁଯାୟୀ ମକ୍କାବାସୀଙ୍କ ନିକଟକୁ ଯିବା ନିମନ୍ତେ ବାଧ୍ୟ ହେଲେ । ଏହିପରି ଭାବରେ ଆଁହଜରତ ନିଜର ପ୍ରତିଶୃତି ରକ୍ଷା କରିଥିଲେ ଓ ଏଥି ପାଇଁ ଆପଣ ସ.ଅ ଚିନ୍ତିତ ମଧ୍ୟ ଥିଲେ । ଏକଦା ଏକ ଦେଶର ସନ୍ଦେଶବାହକ ରସୁଲ୍ କରୀମ୍ ସ.ଅଙ୍କ ସେବାରେ କୌଣସି ସନ୍ଦେଶ ନେଇ ଉପସ୍ଥିତ ହେଲା ଏବଂ ଆପଣ ସ.ଅଙ୍କ ସାହଚର୍ଯ୍ୟତ୍ୱ (ଗହଣରେ) କିଛି ଦିନ ରହି ଇସଲାମ୍ ଧର୍ମର ସତ୍ୟତାକୁ ସ୍ୱୀକାର କରିନେଲା । ସେ ରସୁଲ୍ କରୀମ୍ ସ.ଅଙ୍କୁ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ନିଜ ଇସ୍‌ଲାମ୍ ଧର୍ମର ପରିପ୍ରକାଶ କରିବାକୁ ଚାହୁଁଛି । ରସୁଲ୍ କରୀମ୍ ସ.ଅ କହିଲେ, ଏହା ଉଚିତ୍ ନୁହଁ । ତୁମେ ନିଜ ଦେଶ ପକ୍ଷରୁ ଏକ ଉଚ୍ଚ ପଦବୀରେ ନିଯୁକ୍ତ ହୋଇଅଛ । ତେଣୁ ତୁମେ ଏହି ଅବସ୍ଥା (ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ଅବସ୍ଥାରେ)ରେ ନିଜ ଦେଶକୁ ଫେରିଯାଅ ଏବଂ ସେଠାରେ ଯାଇ ଯଦି ତୁମର ହୃଦୟରେ ଇସ୍‌ଲାମ୍ ଧର୍ମର ପ୍ରେମ ବଳବତ୍ତ ରହିଲା ତେବେ ତୁମେ ପୁନଃ ଏଠାକୁ ଆସି ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନିଅ ।

ପୁନଶ୍ଚ ମୁସଲମାନମାନଙ୍କୁ ମଧ୍ୟ ନିଜର ପ୍ରତିଜ୍ଞା ତଥା ପ୍ରତିଶୃତି ପୂରଣ କରିବା ନିମନ୍ତେ ଏତା ଚିନ୍ତା ରହୁଥିଲା ଯେ, ଏକଦା ଅବିଶ୍ୱାସକାରୀମାନେ ଠିକ୍ ଯୁଦ୍ଧ ସମୟରେ ଛଳନାପୂର୍ବକ ଜଣେ ନିଗ୍ରୋ ଦାସ ସହିତ ଚୁକ୍ତି କରିନେଲେ ଏବଂ ସେମାନେ ଦୁର୍ଗର ମୁଖ୍ୟ ଦ୍ୱାରା ଖୋଲିଦେଲେ । ଯେତେବେଳେ ସୈନ୍ୟବାହିନୀ ଆଗକୁ ଅଗ୍ରସର ହେଲା (କାରଣ ଦୁର୍ଗ ମଧ୍ୟରେ ପ୍ରବେଶ କରିବ) ସେତେବେଳେ ସେମାନେ କହିଲେ, ଆମର ତ' ତୁମମାନଙ୍କ ସହିତ ଚୁକ୍ତି ହୋଇ ସାରିଛି । ସେନାପତି ଜଣକ କହିଲା, ମୋ ସହିତ ତୁମର କୌଣସି ଚୁକ୍ତି ହୋଇ ନାହିଁ । ସେମାନେ କହିଲେ, ଆମେମାନେ ଏକ ନିଗ୍ରୋ ଦାସ ସହିତ ଚୁକ୍ତି କରି ନେଇଥିଲୁ ଏବଂ ସେ କେତେକ ସର୍ତ୍ତ ରଖି ଆମମାନଙ୍କୁ ଆଶ୍ରୟ ଦେଇଦେଇ ଥିଲା । କମାଣ୍ଡର କହିଲା, ତା'କୁ ଚୁକ୍ତିର କେଉଁ ଅଧିକାର ପ୍ରାପ୍ତ ଥିଲା ? ଚୁକ୍ତି ତ' ମୋ ସହିତ ହୋଇଥାଆନ୍ତା । ସେମାନେ କହିଲେ, ଆମେମାନେ ସେସବୁ ଜାଣି ନାହୁଁ, ଆମେମାନେ ଆପଣଙ୍କ ସହିତ ଚୁକ୍ତି କରି ସାରିଛୁ । ଯେତେବେଳେ ଉକ୍ତ ବିବାଦ ବୃଦ୍ଧି ପାଇବାକୁ ଲାଗିଲା ସେତେବେଳେ ଇସ୍‌ଲାମୀୟ ସୈନ୍ୟବାହିନୀର ସେନାପତି ହ. ଉମର୍ ର.ଅଙ୍କୁ ଏହି ସମସ୍ତ ଘଟଣା ବୃତ୍ତାନ୍ତ ଲେଖିଦେଲେ ଏବଂ ଆପଣ ର.ଅଙ୍କୁ ପଚାରିଲେ ଯେ, ହେ ଉମର୍ ବର୍ତ୍ତମାନ କ'ଣ କରାଯିବା ଉଚିତ୍ । ହ. ଉମର୍ ର.ଅ ଉତ୍ତର ଦେଲେ ଯେ, ଅଲ୍ଲାଃତାଲା ଅଙ୍ଗୀକାର ତଥା ପ୍ରତିଜ୍ଞା ପୂରଣ କରିବାକୁ ବେଶ୍ ମର୍ଯ୍ୟାଦା ଓ ମହତ୍ତ୍ୱ ପ୍ରଦାନ କରିଛନ୍ତି । ତେଣୁ ତୁମେମାନେ ଉକ୍ତ ଅଙ୍ଗୀକାରକୁ ପୂରଣ କର । ଯେପର୍ଯ୍ୟନ୍ତ ଅନ୍ୟ ପକ୍ଷ ସ୍ୱୟଂ ଉକ୍ତ ଅଙ୍ଗୀକାରର ବିରୁଦ୍ଧାଚରଣ କରିନେଇ ନାହିଁ ସେପର୍ଯ୍ୟନ୍ତ ତୁମେମାନେ ନିଜର ଅଙ୍ଗୀକାର ବା ଶପଥକୁ ପାଳନ କରୁଥାଅ ।

ଅତଏବ୍ ଇସଲାମ୍ ଧର୍ମ ଅମାନତ୍ (ସନ୍ତକ), ବିଶ୍ୱସ୍ତତା ଓ ଚୁକ୍ତିଭିତ୍ତିକ ଅଙ୍ଗୀକାର ପାଳନ କରିବା ନିମନ୍ତେ ବିଶେଷ ରୂପେ ପ୍ରାଧାନ୍ୟ (ଜୋର୍) ଦେଇଥାଏ । ଅଲ୍ଲାଃତାଲା କୁହନ୍ତି ଯେଉଁ ବିଶ୍ୱାସକାରୀମାନେ ଅମାନତ, ଶପଥ ପୂରଣ ଓ ଅଙ୍ଗୀକାର ପ୍ରଦର୍ଶନ କରିବାକୁ ଯାଇ ଉତ୍ତମ ଉଦାହରଣ ପ୍ରଦର୍ଶନ କାରନ୍ତି ତେବେ ସେହି ବିଶ୍ୱାସକାରୀମାନେ ହିଁ ସାଫଲ୍ୟମଣ୍ଡିତ ହେବେ । **(ତଫସିର କବିର୍, ଭାଗ-6,133-134, ପ୍ରକାଶନ ସ୍ଥାନ-2010 ମସିହା, କାଦିୟାନ୍)** ☆--☆--☆

## ଅଧିନସ୍ଥ ଗୋଷ୍ଠୀମାନଙ୍କର 2025 ମସିହରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଇଜ୍‌ତିମା ।

ସୟେଦିନା ହୁଜୁର ଅନ୍‌ୱର୍ ଅ.ବ ଚଳିତ୍ ବର୍ଷ ତିନି ଅଧିନସ୍ଥ ଗୋଷ୍ଠୀ ଯଥା- **ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହମଦିୟା ଭାରତ, ମଜ୍‌ଲିସ୍ ଅନସାରୁଲ୍ଲାଃ ଭାରତ, ମଜ୍‌ଲିସ୍ ଲଜ୍‌ନା ଇମାଇଲ୍ଲାଃ ଭାରତ**ର କାଦିୟାନ୍ ଦାରୁଲ୍ ଅମାନ୍ ଠାରେ ଆୟୋଜିତ ହେବାକୁ ଥିବା ମର୍କଜି (କେନ୍ଦ୍ର) ବାର୍ଷିକ ଇଜ୍‌ତିମା ନିମନ୍ତେ **ତା-24,25,26** ଅକ୍ଟୋବର **2025** ମସିହା, ଶୁକ୍ରବାର, ଶନିବାର ଓ ରବିବାର ଦିନର କୃପାବତ୍ସଳ ରୂପେ ତିଥି ଓ ବାର ଅନୁମୋଦନ କରିଛନ୍ତି । ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ସବିନିୟ ଅନୁରୋଧ କି ସେମାନେ ଦୁଆର ସହିତ ଉପରୋକ୍ତ ତାରିଖ ଅନୁଯାୟୀ ଏହି ଇଜ୍‌ତିମାମାନଙ୍କରେ ଅଂଶଗ୍ରହଣ କରିବା ନିମନ୍ତେ ଯଥାସମ୍ଭବ ପ୍ରୟାସ କରନ୍ତୁ। **ଆମିନ୍ ।**

**(ସଦର ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହମଦିୟା, ଭାରତ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan